

ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ

## ସଂକ୍ଷେପରେ

### ଆଦିତ୍ୟ ଆଲୁମିନିୟମ ଶ୍ରମିକ ସଂଘର ଆନ୍ଦୋଳନ ଚେତାବନୀ

ରେଙ୍ଗାଲି, ୧୭।୩ (ଡି.ଏନ.ଏ)- ରେଙ୍ଗାଲି ବ୍ଲକ ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟାକୁ ନେଇ ରେଙ୍ଗାଲି ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରବିବାର ଶ୍ରମିକ ସଂଘର ସଭାପତି ତଥା ଭାରତୀୟ ମଜଦୁର ସଂଘ ସମ୍ବଲପୁର ଜିଲାର କାର୍ଯ୍ୟକାରୀ ସଭାପତି ବିଭୂତିଭୂଷଣ ପଡିହାରି ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯିବା ସହ କାରଖାନା କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନକୁ ମୌଖିକ, ଲିଖିତ ଭାବରେ ଅଭିଯୋଗ କରାଯାଇଛି। ଆଗାମୀ ଦିନରେ ଶ୍ରମିକମାନଙ୍କର ସମସ୍ୟାଗୁଡିକର ସ୍ଥାୟୀ ପ୍ରତିକାର ନ କଲେ ସଂଘ ବାଧ ହୋଇ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବାକୁ ସ୍ଥିର କରିଛି । ଉକ୍ତ ସଭାରେ ବିଏମସି ପଶ୍ଚିମ ଓଡିଶା ପ୍ରଭାରୀ ଶଶିକାନ୍ତ ନାୟକ, ଆଇନଜୀବୀ ଆଶୁତୋଷ ବିଶି, ଜିଲା କୋଷାଧ୍ୟକ୍ଷ ଜୀବର୍ଦ୍ଧନ ମିର୍ଦ୍ଧା ଯୋଗଦାନ କରିଥିଲେ । ବେଦପ୍ରକାଶ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାଦନ ଖଟିବାକୁ ଯାଇ ଶୋଷଣର ଶିକାର

ବାମରା, ୧୭।୩ (ସ୍ୱ.ପ୍ର.)

ଦାଦନ ସମସ୍ୟା ଥମୁନାହିଁ। ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଦାଦନ ଶ୍ରମିକ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଦାଦନ ଖଟିବାକୁ ଗୋଆକୁ ଯାଇ ଖାଲିହାତରେ ଘରକୁ ଫେରିଛନ୍ତି। ନ୍ୟାୟ ପାଇଁ ଗୋବିନ୍ଦପୁର ଥାନାରେ ଏତଲା ଦେଇଛନ୍ତି।

ଥାନାରେ କରିଥିବା ଅଭିଯୋଗ ଅନୁସାରେ ବାମରା ନିକଟସ୍ଥ ଗୁର୍ଲା, ତାଲଡିହି, ମିଟୁପଡା ଓ କୁକେରମା ଗ୍ରାମର ଗୌତମ ରକ୍ସା, ମନୋଜ ସୁନାନୀ, କରନ ରକ୍ସା ଓ ରାଜେଶ ମାକରଙ୍କ ସହିତ ଅନ୍ୟ ୫୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଗୁର୍ଲା ଗ୍ରାମର ଜଣେ ବ୍ୟକ୍ତି ଗୋଆରେ କାମ କରିବା ପାଇଁ ପଠାଇଥିଲେ। ସମ୍ପୃକ୍ତ ଯୁବକମାନେ ସେଠାରେ ପହଞ୍ଚିବା ପରେ ସେଠାରେ ଅନ୍ୟ ଦୁଇ ଜଣ ବ୍ୟକ୍ତି ସୋଫିଆନ ମୁଜାବର ଓ ରିଆନ ମୁଜାବର ସେମାନଙ୍କୁ ଡ଼ଙ୍ଗାରେ ମାଛ ଧରିବା କାମରେ ନିୟୋଜିତ କରିଥିଲେ। ଉକ୍ତ



ଗୋଆରୁ ଫେରିଥିବା ଦାଦନ ଶ୍ରମିକ।

- ୭ମାସ କାମ କରିବା ପରେ ବି ପାରିଶ୍ରମିକ ମିଳିଲା ନାହିଁ
- ଖାଲି ହାତରେ ଘରକୁ ଫେରିଲେ ବାମରାର ୪ ଶ୍ରମିକ
- ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କଲେ

କାର୍ଯ୍ୟ ପାଇଁ ପ୍ରତି ମାସରେ ୧୨ ହଜାର ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ସେଠାରେ ୭ମାସ କାମ କରିବା ପରେ ମଧ ପାରିଶ୍ରମିକ ଦିଆଗଲା ନାହିଁ। ଟଙ୍କା ମାଗିଲେ ବିଭିନ୍ନ ଆଳଦେଖାଇ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗ ହୋଇଛି। ଶ୍ରମିକମାନେ ଘରକୁ ଫେରିବା ପାଇଁ କହିଲେ ମଧ୍ୟ ଧମକ ଦିଆଯାଉଥିଲା। ପରେ ଉକ୍ତ ୪ଜଣ ଯୁବକ ସେଠାରୁ ଲୁଚି ପଳେଇ ଆସିଥିଲେ। ସେମାନଙ୍କୁ ଗୋଆକୁ ପଠାଇ ଥିବା ବ୍ୟକ୍ତିଙ୍କୁ ସେମାନେ ପାରିଶ୍ରମିକ ମାଗିଥିଲେ। ମାତ୍ର ସେ ପାରିଶ୍ରମିକ ଦେବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଶେଷରେ ନିରୁପାୟ ହୋଇ ଯୁବକମାନେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଗୋଆର କୁନକୁହଲି ଆଚରାଠାରେ ଏବେ ମଧ ସେମାନଙ୍କ କେତେକ ସାଥି ଅଖିଆଅପିଆ ହୋଇ ବିନା ପାରିଶ୍ରମିକରେ କାମ କରିବାକୁ ବାଧ ହେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ପୋଲିସକୁ ଅନୁରୋଧ କରିଛନ୍ତି। ସମ୍ବଲପୁର ଜିଲାର ବାମରା ବ୍ଲକ ସହିତ ସୀମାନ୍ତ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାଗୁଡିକରୁ ମଧ୍ୟ ବେଆଇନ ଭାବେ ବେକାର ଯୁବତୀ ଯୁବକମାନଙ୍କୁ ଭଲ ପାରିଶ୍ରମିକ ଲୋଭ ଦେଖାଇ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଛି। ସମସ୍ତ ଶ୍ରମିକଙ୍କୁ ବାମରା ରେଳଷ୍ଟେସନରୁ ବିଭିନ୍ନ ରାଜ୍ୟକୁ ଚାଲାଣ କରାଯାଉଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ପରିବେଶ ସଚେତନତା କାର୍ଯ୍ୟକ୍ରମ: ପଥପ୍ରାନ୍ତ କୃଷ୍ଣଗୁରୁ ପରିବେଷଣ

ସମ୍ବଲପୁର, ୧୭।୩ (ବ୍ୟୁରୋ)

ଗ୍ରୀଷ୍ମ ପ୍ରବାହରେ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ସମସ୍ତଙ୍କ କର୍ତ୍ତବ୍ୟ ଅଟେ। ଜଙ୍ଗଲରେ ନିଆଁ ଲଗାଇବା ଅପରାଧ। ଏହା ଦ୍ୱାରା ପରିବେଶ ପ୍ରଦୂଷିତ ହେବ ସହ ଜଙ୍ଗଲ ନଷ୍ଟ ହୋଇଥାଏ। ଏନେଇ ରବିବାର ସଚେତନତା କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ତବଡାବାହାଲ ଗ୍ରାମପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାରତ ନିର୍ମାଣ ଯୁବ ସ୍ୱେଚ୍ଛାସେବୀ ସଭାପତି ଚର୍ତୁଭୁଜ ଗର୍ଡିଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରମଣୀ ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରମିଳା ସିଂ, ଉପଦେଷ୍ଟା ଖତୁ ବୁଡେକ ଅତିଥି ଭାବେ ଯୋଗଦେଇଥିଲେ। ସଚେତନ ସଭା ପରେ ପଥପ୍ରାନ୍ତ କୃଷ୍ଣଗୁରୁ ଭଜନ ପରିବେଷଣ କରାଯାଇଥିଲା । କଳାକାରମାନେ ଗ୍ରାମାଞ୍ଚଳ ବୁଲି ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ଗୀତ ଗାନ କରିଥିଲେ ।

### ପଶ୍ଚିମ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢ଼ିବା ପ୍ରସଙ୍ଗ

# ନବୀନଙ୍କ ସଙ୍କେତ ପରେ ଆଶାୟୀ ଛାନିଆ

ସମ୍ବଲପୁର,୧୭।୩ (ବ୍ୟୁରୋ)

ପଶ୍ଚିମ ଓଡିଶାରେ କୌଣସି ନିର୍ବାଚନ ମଣ୍ଡଳୀରେ ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢିବା ପାଇଁ ରବିବାର ଗଣମାଧ୍ୟମ ଆଗରେ ସଙ୍କେତ ଦେଇଛନ୍ତି। ପଶ୍ଚିମ ଓଡିଶାବାସୀଙ୍କ ବାରମ୍ବାର ଦାବିକୁ ନେଇ ନିର୍ବାଚନ ଲଢିପାରନ୍ତି ବୋଲି କହିଛନ୍ତି। ଏହି ଖବର ପ୍ରଚାର ହେବା ପରେ ପଶ୍ଚିମ ଓଡିଶାରେ ସାଧାରଣ ବର୍ଗ ପାଇଁ ଥିବା ନିର୍ବାଚନ ମଣ୍ଡଳୀର ନେତା ଓ ଆଶାୟୀଙ୍କ ମନରେ ଛନକା ପଶିଯାଇଛି । ହେଲେ ଏହି ଖବର ଜାଣିବା ପରେ ବିଜେଡି କର୍ମୀ ଉତ୍ସାହିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଯେ କୌଣସି ନିର୍ବାଚନ ମଣ୍ଡଳୀରୁ ଛିଡା ହେଲେ ଏହା ଅନ୍ୟ ନିର୍ବାଚନ ମଣ୍ଡଳୀରେ ମଧ ପ୍ରଭାବ ପଡିବ ବୋଲି ଦଳୀୟ କର୍ମୀମାନେ ଆଶା କରିଛନ୍ତି । ବିଜେଡ଼ି ନେତା ପ୍ରସନ୍ନ ଆଚାର୍ଯ୍ୟ, ଯୁବ ବିଧାୟକ ରୋହିତ ପୂଜାରୀ ପ୍ରମୁଖ ପଶ୍ଚିମ ଓଡିଶାର ନେତାମାନଙ୍କ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ସେ ଦାବି ଉପରେ ସବୁଜ ସଙ୍କେତ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି ।

### ସେମାନେ ଯାହା କହନ୍ତି....



ପଶ୍ଚିମ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନିର୍ବାଚନରେ ପ୍ରାର୍ଥି ହେବା ସମଗ୍ର ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଗୌରବ। ଏହା କେବଳ ଦଳରେ ସୀମିତ ରହିବ ନାହିଁ। ପଶ୍ଚିମ ଓଡିଶାର ସର୍ବାଙ୍ଗୀନ ଉନ୍ନତି ହେବ।

**-ନବ କିଶୋର ଦାସ**, ପୂର୍ବତନ ବିଧାୟକ, ଝାରସୁଗୁଡା



ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପଶ୍ଚିମ ଓଡିଶାରୁ ନେତାମାନେ ଯାଇ ସ୍ୱାଗତ କରି ଅନୁରୋଧ କରିଥିଲୁ। କେଉଁ ସ୍ଥାନରୁ ଛିଡା ହେବେ ତାଙ୍କ ନିଷ୍ପତ୍ତି। ବିକାଶ ଦିଗରେ ଆହୁରୀ ସହାୟକ ହେବ।

**-ରୋହିତ ପୂଜାରୀ,** ରେଢ଼ାଖୋଲ ବିଧାୟକ ।



ବହୁ ଦିନରୁ ମୁଖ୍ୟମନ୍ତ୍ରୀଙ୍କୁ ପଶ୍ଚିମ ଓଡିଶାରେ ନିର୍ବାଚନରେ ଛିଡା ହେବା ପାଇଁ ସ୍ଥାନୀୟ ନେତାମାନେ ଦାବି କରିଆସୁଥିଲେ। ଏହି ଦାବି ଉପରେ ସବୁଜ ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତ ଯୋଗ୍ୟ।

**-ରାସେଶ୍ୱରୀ ପାଣିଗ୍ରାହୀ** , ସମ୍ବଲପୁର ବିଧାୟିକା।



ପ୍ରାର୍ଥୀ ହୋଇ ମୁଖ୍ୟମନ୍ତ୍ରୀ ଦଳର ସ୍ଥିତି ସୁଧାରିବାକୁ ଚେଷ୍ଟା କରିବେ। ହେଲେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଜିଲାର ଯେଉଁ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥି ହେବେ, ମୁଁ ସେହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥି କରେଇବା ପାଇଁ ଦଳକୁ ଅନୁରୋଧ କରିବି।

-ଜୟନାରାୟଣ ମିଶ୍ର , ଭାଜପା ପୂର୍ବତନ ମନ୍ତ୍ରୀ ।

## ଅଟୋକୁ ଧକ୍କାଦେଲା କାର, ୩ ଆହତ

ସମ୍ବଲପୁର, ୧୭।୩(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଚାରିଛକ ନିକଟରେ ଅଟୋକୁ କାର ପଛ ପଟୁ ଧକ୍କା ଦେଇ ଦୁର୍ଘଟଣା ଘଟିଛି । ଅଟୋରେ ଥିବା ୩ ଜଣ ଆହତ ହୋଇଛନ୍ତି । ଜିଲା ସଦର ଡାକ୍ତରଖାନରେ ଚିକିତ୍ସିତ ପରେ ଆହତମାନେ ଘରକୁ ଫେରିଛନ୍ତି। ଜଣେ ଝାଙ୍କରପାଲି ଗ୍ରାମର କାର୍ତ୍ତିକ ମିର୍ଦ୍ଧା ବୋଲି ଜଣାପଡିଥିବା ବେଳେ ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ। କାର ନଂ. ଓଡି ୧୫-ଏଚ-୭୭୭୫ ଓ ଅଟୋ ନଂ. ଓଆର୧୫-୦୯୨୯ ଉଭୟ ମେଘପାଳ ପଟକୁ ଯାଉଥିଲେ । ଚାରିଛକରେ କାର ଅଟୋ ପଛରେ ଧକ୍କା ଦେଇଥିଲା। ଫଳରେ ଅଟୋ ରାସ୍ତା ତଳକୁ ଖସିଯାଇ ଓଲଟି ପଡିଥିଲ ଓ ସେଥିରେ ଥିବା ୩ଜଣ ଆହତ ହୋଇଥିଲେ।

# ଜିଲା ବରିଷ୍ଠ ନାଗରିକ ସମାଜର ବାର୍ଷିକ ସଭା

ସମ୍ବଲପୁର, ୧୭।୩ (ବ୍ୟୁରୋ)

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜର ବାର୍ଷିକ ସାଧାରଣ ସଭା ତପସ୍ୱିନୀ ପ୍ରେକ୍ଷାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଗୋପରଞ୍ଜନ ଦୁବେ ସଭାପତି, ଅର୍ଜୁନ ରଞ୍ଜନ ପଣ୍ଡା ଓ ଅରବିନ୍ଦ ମହାପାତ୍ର ଉପସଭାପତି, ସଦାନନ୍ଦ ସୋନବର୍ଷା ସାଧାରଣ ସମ୍ପାଦକ, ନିର୍ମଳ କୁମାର ମାଇତି ସହସାଧାରଣ ସମ୍ପାଦକ ଏବଂ ନାରାୟଣ ନାୟକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଡ. ସୁରୁବାବୁ ମେହେର, ଗୋପୀନାଥ ମିଶ୍ର, ବିଜୟଲକ୍ଷ୍ମୀ ବେହେରା, ଅରୁଣ କୁମାର ମଜୁମଦାର, ପ୍ରଫୁଲ୍ଲ କୁମାର ହୋତା, ପ୍ରଦୀପ କୁମାର ପଣ୍ଡା, ଅଦ୍ୱୈତ କୁମାର ପଣ୍ଡା, କୈଳାସ ଚନ୍ଦ୍ର ମିସ୍ତ୍ରୀ, ଡ. ନନ୍ଦକିଶୋର ଦେବତା, ପ୍ରଦ୍ୟୋତ କୁମାର ମିଶ୍ର, ଭକ୍ତବନ୍ଧୁ ପ୍ରଧାନ, ନରେନ୍ଦ୍ର କୁମାର ମେହେର, ମକରଧ୍ୱଜ ଯୋଶୀ, ଇଂ ଅଶୋକ କୁମାର ଜଲାନ, ରାମନାରାୟଣ ସେଠ, ବ୍ୟୋମକେଶ ପଣ୍ଡା, ଶ୍ରୀଲତା ମିଶ୍ର ଓ ତୁଳସୀରାଣୀ ମହାପାତ୍ର ରହିଛନ୍ତି । ଅପରପକ୍ଷେ ବରିଷ୍ଠ ନାଗରିକ ସମାଜର ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ଅଏଁଳା ନବମୀରେ ନାଗରିକ ସମାଜର ପ୍ରତିଷ୍ଠା ଦିବସ ପାଳନ କରାଯିବ । ଏଥିସହ ଏକ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା।



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଗୋପରଞ୍ଜନ ଦୁବେ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ନବୀନ ନିବାସରେ ବିଧାୟିକାଙ୍କ ନାମରେ ଅଭିଯୋଗ

ସମ୍ବଲପୁର,୧୭।୩ (ବ୍ୟୁରୋ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଶାୟୀ ମାନେ ଟିକେଟ ପାଇଁ ନବୀନ ନିବାସରେ ଭିଡ ଜମାଇଛନ୍ତି। ଆଶାୟୀଙ୍କ ଭିଡି ଯେତିକି ବଢୁଛି ବିରୋଧ କରି ଅଭିଯୋଗ ମଧ ବଢିବାରେ ଲାଗୁଛି । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ବିରୋଧ କରି ସମ୍ବଲପୁର ସଂଖ୍ୟାଲଘୁ ନେତା ଓ ମହିଳାମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ୫ ବର୍ଷରେ ସମ୍ବଲପୁର ବିକାଶରେ ବିଧାୟିକା ବାଧା ଦେଇଛନ୍ତି। କେତେକ ମୁଷ୍ଟିମେୟ ବ୍ୟକ୍ତିକୁ ନେଇ ସେ କାମ କରିଛନ୍ତି । ଗରିବ ଜନସାଧାରଣଙ୍କୁ ଉପେକ୍ଷା କରିଛନ୍ତି । ତେଣୁ ନିର୍ବାଚନରେ ତାଙ୍କୁ ଟିକେଟ ଦିଆ ନ ଯାଉ ବୋଲି କହିଥିଲେ। ଏହା ସହ ଯୋଜନା କରି ବିଜେଡିରୁ ବହିଷ୍କୃତ କରାଯାଇଥିବା ବିଜେଡିର ଜୟବ୍ରତ ଦେଙ୍କୁ ଟିକେଟ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ ବିଧାୟିକା ପାଣିଗ୍ରାହୀଙ୍କୁ ପଚାରିବାରୁ କହିଥିଲେ ଯେ, ସମ୍ବଲପୁରବାସୀ ଜାଣିଛନ୍ତି କେତେ ମାତ୍ରାରେ ବିକାଶ ହୋଇଛି। ଭୋଟ ସମୟରେ ସେମାନେ ନିଷ୍ପତ୍ତି ନେଇଥିଲେ ଆଗକୁ ମଧ ନେବେ। ସବୁ ତାଙ୍କ ହାତରେ ରହିଛି। ଗଣତନ୍ତ୍ରରେ ସମସ୍ତଙ୍କ ଅଧିକାର ରହିଛି ଅଭିଯୋଗ କରିବା। ହେଲେ ଦଳର ସଭାପତିଙ୍କ ପାଖରେ ସବୁ ଖବର ଅଛି ସେ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଏ ସମ୍ପର୍କରେ ଜୟବ୍ରତ ଦେ କହିଛନ୍ତି ଯେ,ଏହା ମୋର ଦାବି ନୁହେଁ । ଜନ ସାଧରଣଙ୍କ ଦାବି ଅଟେ। ଟିକେଟ ଭିନ୍ନ କଥା। ମୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ଛିଡା ହେବି ଓ ଲୋକ ସମସ୍ୟା ଉପରେ କାମ କରିବି ବୋଲି କହିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୧୭।୩(ବ୍ୟୁରୋ)

ଯୁଯୁମୁରା ବ୍ଲକ ଫୁଲଝରନ ଠାରେ ଥିବା ଶ୍ରୀଅରବିନ୍ଦ ସ୍କୁଲରେ ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ସମ୍ବଲପୁରୀ ନୃତ୍ୟ ଗୀତ ପରିବେଷଣରେ ବେଶ ରଙ୍ଗିଲା ହୋଇଥିଲା କାର୍ଯ୍ୟକ୍ରମ । କୁନି କୁନି ପିଲା ମାନେ ସମ୍ବଲପୁରୀ ପୋଷାକ ପରିଧାନ କରିଥିବାରୁ ମଞ୍ଚକୁ ଆହୁରୀ ଆକୃଷ୍ଟ କରିଥିଲେ । ସ୍କୁଲ ପରିଚାଳନା ସଭାପତି ଚତୁର ମାଝିଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟ ଅତିଥିଭାବେ ସୁରଜମଲ କଲେଜର ଅଧ୍ୟାପକ ଡ. ମନୋଜ ପଣ୍ଡା, ମୁଖ୍ୟବକ୍ତା ଭାବେ ବରଗଡ ମହିଳା କଲେଜର ଅଧ୍ୟାପକ ରାଧାକାନ୍ତ ମିଶ୍ର, ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ପ୍ରଧାନ ଉପସ୍ଥିତ ରହିଥିଲେ।

### ବାମରାଠାରେ ଯାଦବ ସମାଜର ଦୋଳ ଉତ୍ସବ

# ହକ୍ ପାଇଁ ଲଢ଼େଇ କରିବାକୁ ଆହ୍ୱାନ

ବାମରା, ୧୭।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ପଣ୍ଡରୀପଥରଠାରେ ଜିଲା ଯାଦବ କଲ୍ୟାଣ କମିଟି ପକ୍ଷରୁ ରବିବାର ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଯାଦବମାନେ ସଙ୍ଗଠିତ ହୋଇ ନିଜର ହକ୍ ହାସଲ ପାଇଁ ଲଢ଼େଇଜାରି ରଖିବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଗୋବିନ୍ଦପୁର ଜଗନ୍ନାଥ ମନ୍ଦିରଠାରୁ ଭଗବାନ ଶ୍ରୀକୃଷ୍ଣଙ୍କୁ ସୁସଜ୍ଜିତ ରଥରେ ଯାଦବମାନେ ପଣ୍ଡରୀପଥରକୁ ଆଣି ପୂଜାର୍ଚ୍ଚନା କରିଥିଲେ। ଜିଲା ସଭାପତି ବିରଞ୍ଚିନାରାୟଣ ଦର୍ଜାଙ୍କ ଅଧ୍ୟକ୍ଷତାରେ ଉତ୍କଳ ଯୁବ ଯାଦବ ମହାସଭାର ସଭାପତି ଇଂ. ପ୍ରଦୀପ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଦୀପ ବେହେରା ମୁଖ୍ୟବକ୍ତା, ଝାରସୁଗୁଡା ଜିଲା ସଭାପତି ପବିତ୍ର ମୋହନ ଷଣ୍ଢ, ସାଧାରଣ ସମ୍ପାଦକ ହେମରାଜ ଷଣ୍ଢ, ସୁନ୍ଦରଗଡ ଜିଲା ସଭାପତି କାର୍ତ୍ତିକ ରକ୍ସା, ପୂର୍ବତନ ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷୀ ନାୟକ, ଜିଲା ସଭାନେତ୍ରୀ ଚିନୁପମା ଭଇଁସା, ଜିଲା ସଙ୍ଗଠିକା ନର୍ମଦା ଦର୍ଜା, ସମିତି ସଭ୍ୟା ରୀନା ଭଇଁଷା ଓ ବନବାସୀ ଗୋପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାଦବମାନଙ୍କ ଶିକ୍ଷା ଓ ଅର୍ଥନୈତିକ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଉପସଭାପତି ମଦନମୋହନ ଭଇଁଷା, ସନାତନ ଭଇଁଷା, ବସନ୍ତ କଉଡି, କିଶୋର ଭଇଁଷା, ଜିଲା ସମ୍ପାଦକ ସରୋଜ ପରୁଆ, ଜିଲା କର୍ମଚାରୀ ସଙ୍ଗଠନ ସଭାପତି ଗୋକୁଳା ନନ୍ଦ ଖର୍ସେଲ, ବ୍ଲକ ସଭାପତି ରବିନାଥ ଘୋଷି, ପ୍ରଶାନ୍ତ ରାଉତ, ସଦାନନ୍ଦ ବାଘ, ଗୋବିନ୍ଦପୁର ଗ୍ରାମପଞ୍ଚାୟତ ସଭାପତି ମହେଶ୍ୱର ମାକର ପ୍ରମୁଖ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଦେବେନନ୍ଦ କର୍ସେଲ ବିବରଣୀ ପଠନ କରିଥିଲେ। ଯୁବ ସଙ୍ଗଠକ ଡୋଳାମଣି ଷଣ୍ଢ ଅତିଥି ଆମନ୍ତ୍ରଣ ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୨୦୧୮ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୩ ଜଣ ଓ ଯୁକ୍ତ ଦୁଇର ୩ଛାତ୍ରୀଛାତ୍ରଙ୍କୁ ଯାଦବ ପ୍ରତିଭା ସମ୍ମାନ ଏବଂ ଜଣଙ୍କୁ କ୍ରୀଡା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଯାଦବମାନଙ୍କ ଦ୍ୱାରା ଅଭିଶେକ ଏବଂ କୀର୍ତ୍ତନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶଶି ଗୌଡ, ହେମନ୍ତ ବର୍ଗତ୍ତି, କିଶୋର ପୂଝାରୀ, ଖଗେଶ୍ୱର ଭଇଁଷା, ଜିତୁ ଗୋପାଳ, ଜନ୍ମା ବାଘ, ଦେବାଶିଷ ଭଇଁଷା, ହରିଶ୍ଚନ୍ଦ୍ର ଭଇଁଷା ଏବଂ ରାଜେନ୍ଦ୍ର ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ।




ଯାଦବ କଲ୍ୟାଣ କମିଟି ପକ୍ଷରୁ ଦୋଳ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜାତୀୟ ଡ଼ିଜିଟାଲ ଫଟୋ ପ୍ରଦର୍ଶନୀ




ଫଟୋଫିଲିକ୍ସ ଆୟୋଜିତ ଜାତୀୟ ଡିଜିଟାଲ ଫଟୋ ପ୍ରଦର୍ଶନରେ ରବିବାର ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର, ୧୭।୩ (ବ୍ୟୁରୋ)

ଫଟୋଫିଲିକ୍ସ ପକ୍ଷରୁ ଜାତୀୟ ଡିଜିଟାଲ ଫଟୋ ପ୍ରଦର୍ଶନ ରବଠିବାର ଚିତ୍ରଗୁପ୍ତ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଭାରତ ଡ଼ିଜିଟାଲ ଫଟୋଗ୍ରାଫି ପ୍ରତିଯୋଗିତାର ମନୋନୀତ ଫଟୋଗୁଡିକ ପ୍ରଦର୍ଶିତ କରାଯାଇଥିଲା। ଆନ୍ତର୍ଜାତିକ ସ୍ତରରେ ବହୁଳ ଭାବେ ପୁରସ୍କୃତ ସୁନାମଧନ୍ୟ ଫଟୋଶିଳ୍ପୀ ଅରବିନ୍ଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନ ଉତ୍ସବ ହୋଇଥିଲା। ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଓ ପ୍ରସାର ଭାରତୀର ଅବସରପ୍ରାପ୍ତ ଯୁଗ୍ମ ମହାନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର କଳା ସଂସ୍କୃତି, ସାହିତ୍ୟ ଓ କ୍ରୀଡ଼ାର ଉତ୍କର୍ଷତାସ୍ଥଳୀ ଅଟେ। ଚିତ୍ରକଳା ଓ ଫଟୋଗ୍ରାଫିରେ ସମ୍ବଲପୁର ବହୁଦିନରୁ ନାଁ କରିଛି। ତେବେ ଏହି ପୃଷ୍ଠଭୂମିକୁ ଆଗାମୀ ଦିନରେ ମଧ ଶକ୍ତିଶାଳୀ କରିବାକୁ ଯୁବପୀଢ଼ିକୁ ଏ ଦିଗରେ ପରିଶ୍ରମ କରିବାକୁ ହେବ। ସମ୍ବଲପୁର ଫଟୋଗ୍ରାଫିର ଇତିହାସ ଓ ଏ କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଶିଷ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟସ୍ତରର ଫଟୋ ପ୍ରତିଯୋଗିତାରେ ସ୍ଥାନିତ ହେବାକୁ ଯୋଗ୍ୟ ବିବେଚିତ ହୋଇଥିବା ଏବଂ ପୁରସ୍କୃତ ହୋଇଥିବା ୨୫୪ ଜଣ ପ୍ରତିଯୋଗୀଙ୍କ ୩୯୧୬ ଫଟୋ ମଧ୍ୟରୁ ୧୬୭୮ଟି ଫଟୋ ପ୍ରଦର୍ଶିତ ହୋଇଥିଲା। ଶିଶିର ପାଣିଗ୍ରାହୀ, ରିତ ସାହୁ, ସୁବାସ ମେହେର, ବିଶ୍ୱନାଥ ବର୍ଗତ୍ତି ଓ ଅନ୍ୟ ସଦସ୍ୟମାନେ ପ୍ରଦର୍ଶନୀ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଶ୍ୟାମ ବିହାରୀଙ୍କ ଶତରଙ୍ଗୀ ରଥଯାତ୍ରା

**ଭଟଲି,୧୭।୩(ଡି.ଏନ.ଏ)**
ସମଗ୍ର ଦେଶରେ ଦ୍ୱିତୀୟ ଶ୍ୟାମଧାମ ଭାବେ ଅଭିହିତ ଭଟଲି ଶ୍ୟାମ ପୀଠରେ ଶତରଙ୍ଗୀ ଫାଲ୍ଗୁନ ମେଳା(ଶ୍ୟାମ ବିହାରୀ ରଥଯାତ୍ରା) ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ବରଗଡ଼ରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାର ପୂର୍ବାହ୍ନରୁ ଉପସ୍ଥିତ ଶ୍ରଦ୍ଧାଳୁ ଏକ ନିଶାନ ପଦଯାତ୍ରାରେ ଭଟଲି ଧାମ ପର୍ଯ୍ୟନ୍ତ ଝଣ୍ଡା ଧରି ଶୋଭାଯାତ୍ରା କରିଥିଲେ । ବାବାଙ୍କ ମନ୍ଦିରରେ ଶୋଭାଯାତ୍ରା ପହଞ୍ଚିବା ପରେ ପ୍ରଭୁ ଶ୍ୟାମ ବିହାରୀଙ୍କୁ ଅଲୌକିକ ଶୃଙ୍ଗାର କରାଯାଇଥିଲା। ପରେ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ଅପରାହ୍ନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଭାବେ କୃଷ୍ଣ ଏବଂ ପଞ୍ଚପାଣ୍ଡବ ଓ ବେଲାଳସେନଙ୍କ ରଥଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ରଥ ଗ୍ରାମ ପରିକ୍ରମା ପରେ ମନ୍ଦିରରେ ମହାପ୍ରଭୁଙ୍କୁ ମହାଭୋଗ ଲାଗି କରାଯାଇଥିଲା। ଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲା ସମେତ ପଡ଼ୋଶୀ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗରୁ ଶ୍ରଦ୍ଧାଳୁ ଆସି ପ୍ରଭୁ ଶ୍ୟାମ ବିହାରୀଙ୍କ ଦର୍ଶନ କରିଥିଲେ। ରାତ୍ରିରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ମନମୁଣ୍ଡା, ୧୭।୩ (ଡି.ଏନ.ଏ)-**
ନିମ୍ନମାନର କାମ ହେଉଥିବା ଅଭିଯୋଗ କରି ମନମୁଣ୍ଡା- ଖୁଣ୍ଟିଗୋରା ୪୧ ନମ୍ବର ରାଜ୍ୟ ରାଜପଥ ମାଝିପଡା ଛକଠାରୁ ଗ୍ରାମ୍ୟ ରାସ୍ତା ୩୦ ମିଟର କାମକୁ ଗ୍ରାମବାସୀ ରବିବାର ବନ୍ଦ କରିଦେଇଛନ୍ତି। ଏନେଇ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସୂର୍ଯ୍ୟ ମହାକୁଡ, ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ଭାଜପା ନେତା ପ୍ରେମଦାର ଶାହାଙ୍କ ସମେତ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ: ଚତୁର୍ଥ ପର୍ଯ୍ୟାୟ ଉଦ୍‌ଯାପିତ

**ପଦ୍ମପୁର,୧୭।୩(ଡି.ଏନ.ଏ.)**
ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପି. ମୋହନ ରାଓ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ମୁଖ୍ୟ ଅତିଥି ଶିଶୁବାଟିକା ଓ ବିଦ୍ୟାଭାରତୀଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ, ଅତିଥି ପରିଚୟ ସହ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଗୁରୁମା ନିତୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ ସହ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରୋଜେକ୍ଟର ମାଧ୍ୟମରେ ଭାଷା ବିକାଶ ଉପରେ ବୁଝାଯାଇଥିଲା। ଉତ୍ସବରେ ୧୧୫ ଜଣ ଅଭିଭାବିକା, ଅଭିଭାବକ ଯୋଗ ଦେଇଥିଲେ । ସମସ୍ତ ଗୁରୁମା, ଗୁରୁଜୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଝଡ଼ବର୍ଷା ସାଙ୍ଗକୁ କରାମାଡ଼

**ବରଗଡ଼ ଅଫିସ୍/ଭଟଲି,୧୭।୩**


ଭଟଲି ଅଞ୍ଚଳରେ ହୋଇଥିବା କରାମାଡ଼ ।

- ଉଜୁଡ଼ିଲା ପରିବା ଫସଲ ଚିନ୍ତିତ ଚାଷୀ
- ଭଟଲି ଅଞ୍ଚଳ ଅଧିକ ପ୍ରଭାବିତ
- କୃଷିବିଭାଗ କରିବ ଆକଳନ

ବରଗଡ଼ ଜିଲା ଚାଷୀଙ୍କୁ ସମସ୍ୟା ପିଛା ଛାଡ଼ିବାର ନାଁ ନେଉନି । କେତେବେଳେ ସ୍ୱଳ୍ପ ବୃଷ୍ଟିପାତ ଓ ଅନାବୃଷ୍ଟି ଯୋଗୁ ମରୁଡ଼ି ତ ଆଉକେବେ ରୋଗପୋକ ଉପଦ୍ରବ ଯୋଗୁ ଚାଷୀଙ୍କ ଫସଲ ଉଜୁଡ଼ି ଯାଉଛି। ଜିଲାର କ୍ରମାଗତ ଭାବେ ଏଭଳି ଫସଲକ୍ଷତିର ସମ୍ମୁଖୀନ ହେଉଥିବା ଯୋଗୁ ଚାଷୀଙ୍କ ଆର୍ଥିକ ସ୍ଥିତି ଦୋହଲି ପଡୁଛି । ଗତମାସ ୨୬ତାରିଖ ଜିଲାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସାଙ୍ଗକୁ କରାମାଡ଼ ହୋଇଥିବା ବେଳେ ଏହାର ମାସେ ନ ପୂରୁଣୁ ରବିବାର ଜିଲାରେ ପୁଣି ଅନୁରୂପ ବର୍ଷା ଓ କରାମାଡ଼ ହୋଇଛି । ଜିଲାର ବରଗଡ଼, ଭଟଲି, ବରପାଲି, ଅମ୍ବାଭୋନା ଆଦି ଅଞ୍ଚଳର ପରିବା ଫସଲ ଏଥିରେ ଯଥେଷ୍ଟ ପ୍ରଭାବିତ ହୋଇଛି । ତେବେ ଗତମାସର କରାମାଡ଼, ବର୍ଷା ଭଳି ଏଥର ମଧ ଭଟଲି ବ୍ଲକରେ କରାମାଡ଼ର ପ୍ରଭାବ ବେଶି ରହିଥିବା ଯୋଗୁ ସେଠାରେ ପରିବା ଫସଲ ଅଧିକ ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ଭଟଲି ବ୍ଲକର ଭଟଲି, ସୁକୁଡ଼ା, ଡୁମାଲପାଲି, ବାଞ୍ଜିପାଲି, କେଶେଇପାଲି, ହଣ୍ଡାସକ୍ରୀ, କେଲେଣ୍ଡାପାଲି, କୁଇଁଶିରା, ଗୋପାଳପୁର, ଟେମରେନ, ବଡ଼ମାଳ, ତରାଜୁଙ୍ଗା ଅଞ୍ଚଳରେ ବର୍ଷା ସହିତ କରାମାଡ଼ ହୋଇଥିଲା । ଫଳରେ ସମ୍ପୃକ୍ତ ଅଞ୍ଚଳରେ ଟମାଟର, ବାଇଗଣ ଆଦି ପରିବା କ୍ଷତିଗ୍ରସ୍ତ ହୋଇଛି । ଝଡ଼ବତାସ ଓ କରାମାଡ଼ର ପ୍ରଭାବ ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରୋବରାହ ମଧ ଠପ୍ ହୋଇଯାଇଛି । ସେହିପରି ବରପାଲି ବ୍ଲକର ବରପାଲି, ଧୀରପୁର, ରେମତା, ବିଜେପୁର ବ୍ଲକର ଜାରିଂ, ବୁଢ଼ାପାଲି, ବୈରେଖପାଲି, ସୁରୁବାଲି, ବଡ଼ବ୍ରାହ୍ମଣୀପାଲି, ଗାଇସିଲେଟ୍ ବ୍ଲକର ବୁରୋମୁଣ୍ଡା ଆଦି ଅଞ୍ଚଳରେ କରାମଡ଼ ହୋଇଥିବା ଯୋଗୁ ସମ୍ପୃକ୍ତ ଅଞ୍ଚଳର ପରିବା ଫସଲ ପ୍ରଭାବିତ ହୋଇଛି । ବରଗଡ଼ ସହର ସମେତ ଆଖପାଖ ଅଞ୍ଚଳରେ ଝଡ଼ବର୍ଷା ଓ କରାମାଡ଼ର ପ୍ରଭାବ ଦେଖିବାକୁ ମିଳିଥିଲା ।

ଅନ୍ୟପକ୍ଷେ ଅତାବିରା, ଭେଡ଼େନ, ପଦ୍ମପୁର ଅଞ୍ଚଳରେ ବର୍ଷା ହୋଇଥିଲେ ହେଁ ସେ ଅଞ୍ଚଳରେ କରାମାଡ଼ ହୋଇ ନ ଥିବା ଖବର ମିଳିଛି । ଝାରବନ୍ଧ, ସୋହେଲା, ପାଇକମାଲ ଅଞ୍ଚଳରେ ଝଡ଼ବର୍ଷା, କରାମାଡ଼ର ପ୍ରଭାବ ଦେଖିବାକୁ ମିଳି ନ ଥିବାବେଳେ ସାମାନ୍ୟ ଝଡ଼ବତାସ ହୋଇଥିଲା । ତେବେ ଝଡ଼ବତାସ ଯୋଗୁ କେତେକ ଅଞ୍ଚଳରେ ମହୁଲ, ଆମ୍ବ ବଉଳ ଝଡ଼ି ନଷ୍ଟ ହୋଇଯାଇଛି । ଏଭଳି ଅଦିନିଆଁ ବର୍ଷା ଯୋଗୁ ଅନେକ ସ୍ଥାନରେ ଆଳୁ, ଅଦା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି । ମେଘୁଆ ପାଗ, ଘଡ଼ଘଡ଼ି ସହିତ ଝିପିଝିପି ବର୍ଷା ଲାଗି ରହିଥିବା ଯୋଗୁ ଆଗକୁ ମଧ ଝଡ଼ବର୍ଷା, କରାମାଡ଼ର ସମ୍ଭାବନା ରହିଛି। ଏହାକୁ ନେଇ ଜିଲାର ଚାଷୀକୁଳ ଚିନ୍ତିତ ହୋଇପଡ଼ିଛନ୍ତି । ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ବର୍ତ୍ତମାନର ଝଡ଼ବର୍ଷା, କରାମାଡ଼ ଧାନ ଫସଲ ଉପରେ ସେଭଳି କିଛି କ୍ଷତି କରି ପାରିବ ନାହିଁ । ବରଂ ପରିବା ଫସଲ ଏଥିରେ ପ୍ରଭାବିତ ହେବ। ଏ ନେଇ କ୍ଷୟକ୍ଷତି ରିପୋର୍ଟ ଦେବା ପାଇଁ ସହକାରୀ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ।

## ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲଟେଜ୍
# ଗ୍ରୀଡ଼ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା, ଉତ୍ତେଜନା


ଉପଭୋକ୍ତାମାନେ ଗ୍ରୀଡ଼ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ପାଇକମାଲ ୧୭।୩(ଡି.ଏନ.ଏ.)**

ଆଘୋଷିତ ବିଦ୍ୟୁତ୍ କାଟ ସହ ଲୋ ଭୋଲଟେଜ୍ ସମସ୍ୟାର ସମାଧାନ ଦାବି କରି ଉପଭୋକ୍ତାମାନେ ରବିବାର ସନ୍ଧ୍ୟାରେ ପାଇକମାଳ ଗ୍ରୀଡ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ରାସ୍ତାରୋକୋ ଆନ୍ଦୋଳନ କରିବାକୁ ଉପଭୋକ୍ତମାନେ ଚେତାବନୀ ଦେଇଛନ୍ତି। ଏଥିରେ ମନୋଜ ତ୍ରିବେଦୀ, ନନ୍ଦ ଶ୍ରୀବାସ୍ତବ, ମହେଶ ଅଗ୍ରୱାଲ, ସଚିନି ଅଗ୍ରୱାଲ, ସରୋଜ ସାମଲ, ରାମ ରତନ ପୁରୋହିତ, ସୁଶାନ୍ତ ନାଗ, ଶରତ ବଡପଣ୍ଡାଙ୍କ ସହ ଶତାଧିକ ଉପଭୋକ୍ତା ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକ ସମ୍ମିଳନୀ
## ହକ୍ ପାଇଁ ଚାପ ପକାଇବ ସଂଘ


ସମ୍ମିଳନୀରେ ମଞ୍ଚାସୀନ ବରିଷ୍ଠ ନାଗରିକବୃନ୍ଦ।

**ବରଗଡ଼ ଅଫିସ୍,୧୭।୩**
ସହର ତଥା ଗ୍ରାମାଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ତଥା ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି । ମାତ୍ର ବରିଷ୍ଠ ନାଗରିକଙ୍କ ପାଖକୁ ସେହି ସୁବିଧା ସୁଯୋଗ ଅପହଞ୍ଚ ହୋଇପଡୁଛି। ଅନେକ ସମୟରେ ଅବହେଳାର ଶିକାର ହୋଇ ବରିଷ୍ଠ ନାଗରିକଙ୍କ ଅବସ୍ଥା ସଂକଟାପନ୍ନ ହେଉଛି । ଫଳରେ ବରିଷ୍ଠ ନାଗରିକଙ୍କ ହକ୍ ତଥା ନ୍ୟାୟ ଅଧିକାର ପ୍ରଦାନ ପାଇଁ ସରକାରଙ୍କ ଉପରେ ଚାପ ପକାଇବାର ଆବଶ୍ୟକତା ରହିଛି। ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ଆହ୍ୱାନ କ୍ରମେ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସମ୍ମିଳନୀରେ ଏହି ମତପ୍ରକାଶ ପାଇଛି। ସଂଘ ସଭାପତି ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ଓ ଆଠମଲ୍ଲିକ ଉପଖଣ୍ଡର ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ପ୍ରହଲ୍ଲାଦ ମହାପାତ୍ର, ଅମୂଲ୍ୟ ପତି ସମ୍ମିଳନୀର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମାଜସେବୀ ଭାଗବତ ପ୍ରସାଦ ନନ୍ଦ, ପୂର୍ବତନ କୁଳପତି ସାଧୁଚରଣ ପଣ୍ଡା ସମ୍ମିଳନୀରେ ସଫଳ କାମନା କରି ଭବିଷ୍ୟତ ପିଢ଼ିକୁ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ଏକ ନୂତନ ଦିଗଦର୍ଶନ ଦେବ ବୋଲି ସେ କହିଥିଲେ । ସମ୍ମିଳନୀରେ ସୁନ୍ଦରଗଡ଼ ଜିଲାରୁ ହିମାଂଶୁ ଗୁରୁ, ଝାରସୁଗୁଡ଼ା ଜିଲାରୁ ଟହଲୁ ସାହୁ, ସମ୍ବଲପୁରରୁ ପ୍ରଫୁଲ୍ଲ ହୋତା, ସୋନପୁରରୁ ଭଗବାନ ମିଶ୍ର, ଗୌରୀଶ୍ୟାମ ପଣ୍ଡା, ବଲାଙ୍ଗୀରରୁ ବସନ୍ତ ଆଚାର୍ଯ୍ୟ, କଳାହାଣ୍ଡିରୁ ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ନୂଆପଡ଼ାରୁ ବିଭୂତି ପାଣିଗ୍ରାହୀ, ବୌଦ୍ଧରୁ ଅଖିଳ ଚନ୍ଦ୍ର ମହାପାତ୍ର, ଆଠମଲ୍ଲିକରୁ ପିତାମ୍ବର ବିଶ୍ୱାଳ, ଦେବଗଡ଼ରୁ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ରବୀନ୍ଦ୍ର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ କେଦାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅମରେନ୍ଦ୍ର ନାରାୟଣ ଯାଦବ, ଭାରତ ଦାଶ, କଳ୍ପବଟ ସାହୁ, ମଳୟ ମହାନ୍ତି, କୃଷ୍ଣ ନାଥ, ପ୍ରସନ୍ନ ପ୍ରଧାନ, କାହ୍ନୁ ପୃଷ୍ଟି, ସୁରେନ୍ଦ୍ର ମୋହନ ଚାନ୍ଦ, ରାମ ନିବାସ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

## ଉପନିର୍ବାଚନ ବେଳେ ଇଙ୍ଗିତ କରିଥିଲେ
# ବିଜେପୁରରୁ ନବୀନ ଲଢ଼ିବା ନେଇ ଚର୍ଚ୍ଚା

**ବରଗଡ଼ ଅଫିସ୍,୧୭।୩**


ନବୀନ ପଟ୍ଟନାୟକ।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ କିଏ କେଉଁଠାରୁ ଲଢ଼ିବେ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରୁ ଲଢ଼ିବେ ବୋଲି ଆଲୋଚନା ଆରମ୍ଭ ହେଲାଣି। ରବିବାର ପଶ୍ଚିମ ଓଡ଼ିଶାର ବିଜେଡି ନେତାମାନେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଭେଟି ପଶ୍ଚିମ ଓଡ଼ିଶାର ଯେକୌଣସି ଆସନରୁ ଲଢ଼ିବା ପାଇଁ ଅନୁରୋଧ କରିଛନ୍ତି। ଏହାକୁ ବିଚାରକୁ ନେଇଥିବା ମୁଖ୍ୟମନ୍ତ୍ରୀ ମନ୍ତବ୍ୟ ଦେବା ପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ତେବେ ନବୀନ ଯଦି ପଶ୍ଚିମ ଓଡ଼ିଶାରୁ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ସେ କେଉଁ ଆସନରୁ ଲଢ଼ିବେ ଏବଂ ସେହି ଆସନରୁ କିଏ ବାଦ୍ ପଡ଼ିବେ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ସମ୍ଭବତଃ ସେ ବରଗଡ଼ ଜିଲା ବିଜେପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଲୋଚନା ଚାଲିଛି। କାରଣ ଗତ ପ୍ରାୟ ବର୍ଷକ ତଳେ ବିଜେପୁର ଆସନରେ ଅନୁଷ୍ଠିତ ଉପନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ଏଠାକୁ ଦୁଇଦିନିଆ ଗସ୍ତରେ ଆସିଥିଲେ। ସେତେବେଳେ ସେ ବିଜେପୁରକୁ ନିଜ ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ବୋଲି ଅଭିହିତ କରିଥିଲେ। ଏପରି କି ପଶ୍ଚିମ ଓଡ଼ିଶାର ହେଭିୱେଟ୍ ନେତା ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ ପ୍ରମୁଖ ମଧ ନିଜ ଅଭିଭାଷଣରେ ବିଜେପୁରକୁ ମୁଖ୍ୟମନ୍ତ୍ରୀ ନିଜ ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଭଳି ଦେଖୁଥିବା କହିଥିଲେ। ଏହି ଆସନରୁ ନବୀନ ଲଢ଼ିଲେ ଗତ ଉପନିର୍ବାଚନରେ ବିଜୟୀ ହୋଇଥିବା ବିଧାୟିକା ରୀତା ସାହୁଙ୍କୁ କେଉଁ ଆସନରୁ ପ୍ରାର୍ଥୀ କରାଯିବ ସେ ନେଇ ମଧ କଳ୍ପନାଜଳ୍ପନା ଲାଗି ରହିଛି। ଲୋକ ସଭା ଆସନରେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିକଟରେ ଘୋଷଣା କରିଛନ୍ତି। ତେଣୁ ବିଜେପୁର ବିଧାନସଭା ଆସନରୁ ରୀତାଙ୍କୁ ବାଦ୍ ଦେବା କଥା ମଧ ସହଜରେ ଗ୍ରହଣ କରିହେଉ ନାହିଁ। ତେବେ ରୀତାଙ୍କୁ ସେହି ଆସନରୁ ଯଦି ବାଦ୍ ଦିଆଯାଏ, ଦଳର ଭାବମୂର୍ତ୍ତି ରକ୍ଷା ପାଇଁ ତାଙ୍କୁ ନବୀନ ଅନ୍ୟ କୌଣସି ପଦପଦବୀରେ ଅବସ୍ଥାପିତ କରିପାରନ୍ତି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଏହି ଆସନ ପାଇଁ ଦଳର ପୂର୍ବତନ ଜିଲା ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର ମଧ ପ୍ରମୁଖ ଆଶାୟୀ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଆସନରୁ ଲଢ଼ିଲେ ପ୍ରଭାତ ଆଦିତ୍ୟଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାକୁ ମଧ ଲୋକେ ଚାହିଁ ବସିଛନ୍ତି। ତେବେ ଏ ନେଇ ରୀତାଙ୍କ ମତାମତ ମିଳିପାରି ନ ଥିବାବେଳେ ପ୍ରଭାତ ଆଦିତ୍ୟ କହିଥିଲେ, ମୁଖ୍ୟମନ୍ତ୍ରୀ ଯଦି ବିଜେପୁରରୁ ଲଢ଼ିବେ, ମୁଁ ପୂରାପୂରି ସ୍ୱାଗତ କରୁଛି। ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀ ୨୪ ତାରିଖରେ ବିଜେପୁର ଉପନିର୍ବାଚନ ହୋଇଥିଲା। ଏହି ଉପନିର୍ବାଚନ ଫଳାଫଳ ଆସନ୍ତା ସାଧାରଣ ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ବିଜେପୁର ଉପନିର୍ବାଚନ ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହିମାସ ୨୦ ଓ ୨୧ ତାରିଖ ୨ଦିନିଆ ଗସ୍ତରେ ଆସି ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କ ସପକ୍ଷରେ ଭୋଟ ନିବେଦନ କରିଥିଲେ। ଉପନିର୍ବାଚନରେ ରୀତା ରେକର୍ଡ ସଂଖ୍ୟକ (୪୧ହଜାର ୯୩୩) ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅଶୋକ ପାଣିଗ୍ରାହୀଙ୍କୁ ପରାଜିତ କରିଥିଲେ ।

# ୮୩ ବୋତଲ ମଦ ଜବତ୍, ୪ ଗିରଫ


ମଦ ଚାଲାଣ ବେଳେ ଗିରଫ ୪ ଅଭିଯୁକ୍ତ।

**ବରଗଡ଼ ଅଫିସ୍,୧୭।୩:** ସାଧାରଣ ନିର୍ବାଚନ ପୂର୍ବରୁ ଚୋରାମଦ କାରବାର ରୋକିବାକୁ ପୋଲିସ ଅଧିକ ଗୁରୁତ୍ୱ ଦେଇଛି । ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ଥାନା ପୋଲିସ ବରଗଡ଼ ସହରର ବସ୍‌ଷ୍ଟାଣ୍ଡ ଛକ, ଗାନ୍ଧୀଛକ ଏବଂ ଭଟଲିଛକରେ ଗାଡ଼ି ଯାଞ୍ଚ କରିଥିଲା । ଯାଞ୍ଚବେଳେ ପୋଲିସ ବାହାରକୁ ଚାଲାଣ ହେଉଥିବା ୮୩ ବୋତଲ ମଦ ସମେତ ବ୍ୟବହୃତ ୩ଟି ବାଇକ୍‌କୁ ଜବତ୍ କରିଥିଲା । ଏପରି କି ପୋଲିସ ୪ଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବନ୍ଧା ଗ୍ରାମର ବଳରାମ ବାରିକ(୩୦), ଖଲିଆପାଲି ଗ୍ରାମର ସହଦେବ ମହାପାତ୍ର(୪୭), ଗାଇସୀମା ଗ୍ରାମର ଅଶ୍ୱିନୀ କୁମାର ବିଶି(୪୦), ବରଗଡ଼ ବିଶିପଡ଼ାର ଅଜୁ କୁମ୍ଭାର(୨୧)। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ପୃଥକ ଭାବେ ୩ଟି ମାମଲା(ନଂ.୧୨୮/୧୯, ୧୨୯/୧୯, ୧୩୦/୧୯) ରୁଜୁ ହୋଇଛି।

# ସମସ୍ୟା ଘେରରେ କୁଲୁଣ୍ଡା ଗ୍ରାମ

**ଜାମଟିକ୍ରା, ୧୭।୩ (ଡି.ଏନ.ଏ.)**


ଭାଙ୍ଗିପଡ଼ିଥିବା ପୋଲ।

ଅତାବିରା ବ୍ଲକଠାରୁ ମାତ୍ର ୪କି.ମି ଦୂରରେ ଅବସ୍ଥିତ କୁଲୁଣ୍ଡା ଗ୍ରାମ । ଏହି ଗ୍ରାମରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ହୃଷୀକେଶ ନାୟକ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଏହି ଗାଁ ସଂଗ୍ରାମୀ ଗାଁ ନାମରେ ମଧ ପରିଚିତ। ହେଲେ ଦେଶ ସ୍ୱାଧୀନ ହେବାର ୭୧ ବର୍ଷ ବିତିଯାଇଥିଲେ ମଧ ଗ୍ରାମର ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷେ ଗ୍ରାମକୁ ସଂଯୋଗ କରୁଥିବା ଜାମଟିକ୍ରା, ପଲସାପାଲି ଓ ବାଞ୍ଜିପାଲି ରାସ୍ତା ଶୋଚନୀୟ ଅବସ୍ଥାରେ ପଡିରହିଛି। କୁଲୁଣ୍ଡା ଗ୍ରାମର ଚାଷୀମାନେ ଏହି ରାସ୍ତା ଦେଇ ଚାଷ ଜମିକୁ ଯାଇଥାନ୍ତି। ହେଲେ ବର୍ଷା ଦିନେ ରାସ୍ତାରେ ଆଣ୍ଠୁଏ କାଦୁଅ ଜମୁଥିବାରୁ ଯିବାଆସିବାରେ ହଇରାଣ ହରକତ ହୋଇଥାନ୍ତି। ରାସ୍ତା ମରାମତି ନେଇ ଲୋକେ ସ୍ଥାନୀୟ ସରପଞ୍ଚ, ବ୍ଲକ ଅଧକ୍ଷ, ବିଡିଓ, ଜିଲାପାଳଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ପାରି ନ ଥିବା ଅଭିଯୋଗ ହୋଇଛି। ଏନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏପରି କି ଗାଁର ଭୁରି ପୋଡ଼ଙ୍କ ସମେତ ଅନେକ ବୃଦ୍ଧା ବୃଦ୍ଧ ବାର୍ଦ୍ଧକ୍ୟ, ବିଧବା ଭତ୍ତା ପାଉ ନ ଥିବା ବେଳେ ଗ୍ରାମବାସୀ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରୁ ବଞ୍ଚିତ ହେଉଥିବା ଜଣାପଡିଛି। ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଗାଁର ମିଳନ ମଣ୍ଡପରେ କୁନିକୁନି ପିଲାମାନେ ପାଠ ପଢୁଛନ୍ତି । ଏପରି କି ଗାଁର ପରିମଳ ବ୍ୟବସ୍ଥା ନ କହିବା ଭଲ। ସେହିପରି ଗ୍ରାମରେ ବିଭିନ୍ନ ସମସ୍ୟା ଲାଗି ରହିଛି। ସମସ୍ୟାର ସମାଧାନ ନ ହେଲେ ନିର୍ବାଚନରେ ଗ୍ରାମବାସୀ ଏହାର ଉଚିତ ଜବାବ ଦେବା ପାଇଁ ଚେତାବନୀ ଦେଇଛନ୍ତି। ଏନେଇ କୁଲୁଣ୍ଡା ସରପଞ୍ଚ ସବିତା ଦୀପଙ୍କୁ ପଚାରିବାରୁ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ହଡିଗୁଡି କପ୍ ଫୁଟବଲ ଟୁର୍ନାମେଣ୍ଟ
# ସମ୍ବଲପୁର ଦଳ ଚାମ୍ପିୟନ

**ପାଇକମାଲ,୧୭।୩(ଡି.ଏନ.ଏ.)**

ପାଇକମାଳ ଏମ୍‌ଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ୨୪ତମ ହଡିଗୁଡି କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ ଦେବଗଡ଼ ଦଳ ଏବଂ ସମ୍ବଲପୁର ଦଳ ମଧ୍ୟରେ ହୋଇଛି। ଏଥିରେ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ଏନେଇ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା। ୩-୦ ଗୋଲରେ ସମ୍ବଲପୁର ଦଳ ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଭରତ ମୁଣ୍ଡା, ବେଷ୍ଟ ଡିଫେନସର ଶ୍ୟାମ ଓରାମ, ବେଷ୍ଟ ଗୋଲକିପର ଲଳିତ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ମହେଶ ଖଡିଆଙ୍କୁ ପ୍ରଦାନ କରାଯାଇଥିଲା। ସୁଶାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଇକମାଳ ବ୍ଲକ ଅଧ୍ୟକ୍ଷ ଅଲତାପ ମହମଦ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପାଇକମାଳ ସରପଞ୍ଚ ଧବଳେଶ୍ୱର ସାହୁ, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ, ଭୋଜରାଜ ରାଉତ, ପୂର୍ବତନ ଖେଳାଳି କୁସୁମ ରାଓ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅଫ ଦଳକୁ ପୁରସ୍କୃତ କରିଥିଲେ। ଅରୁଣ ଭୋଇ, ସୁଧାଂଶୁ ସେଠ, ନୀଳ ନାୟକ, ଅଶ୍ୱିନୀ ବେରିଆ ଖେଳ ପରିଚାଳନା କରିଥିଲେ। ଅଜିତ ନାଏକ, ଭୋଜରାଜ ଭୋଇ ଧାରାବିବରଣୀ ପ୍ରଦାନ କରିଥିଲେ। ଶେଷରେ ସୁକାନ୍ତ ବାରିକ ଧନ୍ୟବାଦ ଜ୍ଞାପନ କରିଥିଲେ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍

## ସଂକ୍ଷେପରେ

### ପରିମଳ ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର

**ଭବାନୀପାଟଣା,୧୭।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପରିମଳ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଏକ ଦିନିକିଆ ତାଲିମ ଶିବିର ବ୍ଲକ କର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ଅନ୍ତ୍ୟୋଦୟ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସମାଜରେ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା, ଶିଶୁ, ଗର୍ଭବତୀ ମା', ପ୍ରସୂତି ଓ କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ପରିମଳ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ଆୟୋଜିତ ଉକ୍ତ ତାଲିମ ଶିବିରରେ ଥୁ. ରାମପୁର ବ୍ଲକର ୪୫ ଜଣ ପରିମଳ ସ୍ୱେଚ୍ଛାସେବୀ, ଆତ୍ମ ନିଯୁକ୍ତ ମେକାନିକ ଓ ନିଗରାନୀ କମିଟି ସଭ୍ୟାସଭ୍ୟ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ୟୁନିସେଫ ସହାୟତାରେ ଅନ୍ତ୍ୟୋଦୟ ଦ୍ୱାରା ଆୟୋଜିତ ଏହି ତାଲିମ ଶିବିରକୁ ଥୁ. ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବୀନ ଚନ୍ଦ୍ର ନାୟକ ଉଦଘାଟନ କରି ସୁସ୍ଥ ସମାଜ ପାଇଁ ସ୍ୱଚ୍ଛତା କେତେ ଜରୁରୀ ତାହା ଦର୍ଶାଇବା ସହିତ ଗାଁରେ ପରିମଳ ସନ୍ଦେଶ ପହଞ୍ଚାଇବାରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା କେତେ ଗୁରୁତ୍ୱ ବହନ କରୁଛି ତାହା ସୂଚାଇ ଦେଇଥିଲେ । ଶିବିରରେ ଜଳ ଓ ପରିମଳ ମିଶନ ଥୁଆମୂଳ ରାମପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ମୁର୍ମୁ, କ୍ଲଷ୍ଟର କୋଅର୍ଡିନେଟରମାନେ ସାଧନ କର୍ମୀ ଭାବରେ ଯୋଗଦେଇଥିବା ବେଳେ ଅନ୍ତ୍ୟୋଦୟ ତାଲିମ ଦାତା ରାଜ କିଶୋର ଦଣ୍ଡସେନା ଓ ସଞ୍ଜୀବ ସତପଥୀ ତାଲିମ ପ୍ରଦାନ କରିଥିଲେ। ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ଗାଁରେ ସମ୍ପୂର୍ଣ୍ଣ ପରିମଳ ଲକ୍ଷ ହାସଲ ଦିଗରେ ଅନ୍ତ୍ୟୋଦୟ ଅନୁଷ୍ଠାନ ପକ୍ଷରୁ ପରିମଳ ସ୍ୱେଚ୍ଛାସେବୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି ସଚେତନତା କାର୍ଯ୍ୟ କରାଯିବ ବୋଲି ଶିବିରରେ ସ୍ଥିର କରାଯାଇଛି । ଠିକ ଯୋଗାଯୋଗ ଓ ସଚେତନତା ଦ୍ୱାରା ସମାଜରେ ଥିବା ଭୂଲ ଅଭ୍ୟାସଗୁଡିକୁ ଦୂର କରିପାରିଲେ ରୋଗ ନିରାକରଣ ସହିତ ପୁଷ୍ଟିହୀନତା ଦୂର କରିହେବ ଏବଂ ଏହାଦ୍ୱାରା ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ଉପରେ ତାଲିମରେ ଗୁରୁତ୍ୱ ପ୍ରଦାନ କାରାଯାଉଛି । ରବିନାରାୟଣ ସିଂହ ତାଲିମ ପରିଚାଳନା କରିଥିବା ବେଳେ ରାଜକିଶୋର ଦଣ୍ଡସେନା ଧନ୍ୟବାଦ ଦେଇଥିଲେ। ଜଳ ଓ ପରିମଳ ମିଶନ ତରଫରୁ ସଚେତନତା ମୂଳକ ପଠନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା ।

### ଗଛ ପଡ଼ି କାର୍ କ୍ଷତିଗ୍ରସ୍ତ, ବର୍ତ୍ତିଲେ ୩ ଯାତ୍ରୀ

**ରାଉରକେଲା ଅଫିସ,୧୭।୩**
ରବିବାର ଅପରାହ୍ନରେ ଷ୍ଟିଲ ସିଟିରେ ପ୍ରବଳ ଝଡ଼ବର୍ଷା ଯୋଗୁ ଅନେକ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। ତେବେ ଏଥିରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିଲେ ମଧ ରାସ୍ତାରେ ଏକ ମାରୁତି କାର୍ ଯାଉଥିବାବେଳେ ଏସ୍‌ଟିଆଇ ଓଭର ବ୍ରିଜ ନିକଟରେ ଗଛ ପଡ଼ିଯିବାରୁ କାର୍ କ୍ଷତିଗ୍ରସ୍ତ ହୋଇଛି। ଗଛ ଡାଳ ପଡ଼ି କାର୍‌ର ଛାତ ନଷ୍ଟ ହୋଇଛି। ଏଥିରେ ବସିଥିବା ୩ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ପ୍ରବଳ ବର୍ଷା ଯୋଗୁ ଷ୍ଟିଲ ଟାଉନଶିପ୍, ଫର୍ଟିଲାଇଜର ଟାଉନଶିପ୍‌ର ଅନେକ ସ୍ଥାନରେ ବର୍ଷା ଜଳ ଭରିଯାଇଛି।

### ରାସ୍ତା ନ ଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ

# ୨ କି.ମି. ଖଟିଆରେ ବୁହା ହେଲେ ରୋଗୀ



ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି ।

**ଭବାନୀପାଟଣା,୧୭।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲାର ଅନେକ ଗାଁକୁ ଆଜି ବି ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ରୋଗୀଙ୍କୁ ନେବାକୁ ହେଲେ ୧୦୮ ଆମ୍ବୁଲାନ୍ସ ବଦଳରେ ଖଟିଆରେ ବୁହା ହୁଅନ୍ତି । ଏଭଳି ଏକ ଘଟଣା ଥୁଆମୂଳ ରାମପୁର ଭଳି ଆଦିବାସୀ ଅଞ୍ଚଳ ସିନ୍ଧିପଦର ପଞ୍ଚାୟତ ଅଧୀନ ବାରସିକୋନା ଗାଁରେ ଶନିବାର ଦେଖିବାକୁ ମିଳିଛି । ଜଣେ ଗୁରୁତର ଆହତ ମହିଳାଙ୍କୁ ଦୀର୍ଘ ୨ କି.ମି. ଖଟିଆରେ ବୁହା ହୋଇ ଡାକ୍ତରଖାନାକୁ ନିଆଯାଇଥିଲା । ବାରସିକୋନା ଗାଁରେ ପୂର୍ବରୁ ଆଦିବାସୀ ଯୁବକ ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହକୁ କାନ୍ଧେଇ ନେବା ନେଇ ସମଗ୍ର ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା । ଲୋକେ ୨ କି.ମି. ପାଦ ଚଲା ରାସ୍ତା ଦେଇ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ହିଡରେ ପହଞ୍ଚିବା ପରେ କୌଣସି ଯାନବାହନର ସହାୟତା ନେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି ।

ପ୍ରାପ୍ତ ସୂଚନା ଅନୁସାରେ ବାରସିକୋନା ଭଳି ଏକ ଆଦିବାସୀ ବହୁଳ ଗାଁର ଜଣେ ମହିଳା ଫୁଲମତୀ ମାଝି ନିକଟସ୍ଥ ଏକ ଝରଣାକୁ ପାଣି ସଂଗ୍ରହ ପାଇଁ ଯାଇଥିଲେ । ସେଠାରୁ ପାଣି ନେଇ ଆସିବା ବେଳେ ଏକ ପଥର ଚଟାଣ ଉପରେ ଖସିପଡି ଗୁରୁତର ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସା କେନ୍ଦ୍ରକୁ ନେବା ପାଇଁ ପରିବାର ଲୋକ ବାହାରିଥିଲେ । ହେଲେ ଯାତାୟାତ ପାଇଁ ରାସ୍ତା ସୁବିଧା ନ ଥିବାରୁ ୧୦୮ ଆମ୍ବୁଲାନ୍ସ ଜୁନାଗଡ ବ୍ଲକ ଅଧୀନ ପଦମପୁର ନିକଟ ଦେଇ ପ୍ରବାହିତ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ନିକଟରେ ପହଞ୍ଚି ରୋଗୀଙ୍କୁ ଅପେକ୍ଷା କରିଥିଲା । ପରିବାର ଲୋକ ଏକ ଖଟିଆରେ ବୋହି ଦୀର୍ଘ ୨ କି.ମି. ପାଦଚଲା ରାସ୍ତା ଦେଇ କେନାଲ ହିଡରେ ପହଞ୍ଚିବା ପରେ ଆମ୍ବୁଲାନ୍ସରେ ଜୁନାଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, କଳାହାଣ୍ଡି ଲୋକସଭା ସଦସ୍ୟ ଅର୍କ କେଶରୀ ଦେଓ ସିନ୍ଧିପଦର ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଚୟନ କରିଥିଲେ । ଏହି ଆଦର୍ଶ ପଞ୍ଚାୟତ ମାନ୍ୟତା ପାଇବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା । ପଞ୍ଚାୟତର ସବୁ ଗାଁକୁ ଗମନା ଗମନ ପାଇଁ ମିଳିବ ରାସ୍ତାର ସୁବିଧା, ବିଶୁଦ୍ଧ ପାନୀୟ ଜଳ ସୁବିଧା ମିଳିବ ବୋଲି ଆଶା କରିଥିଲେ । କିନ୍ତୁ ଦୀର୍ଘ ୫ ବର୍ଷ ପରେ ସମସ୍ତ ଆଶା ଆଜି ଆଶାରେ ହିଁ ରହିଯାଇଛି । ଏବେ ବି ପ୍ରଶାସନର ଅପହଞ୍ଚ ଇଲାକା ଭାବେ ରହିଯାଇଛି ବର୍ସିକୋନା । ସରକାର 'ଆମ ଗାଁ ଆମ ବିକାଶ', 'ବିଜୁ ଗ୍ରାମ୍ୟ ରାସ୍ତା' ଭଳି ଅନେକ ଯୋଜନା କରିଥିଲେ ମଧ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ବାରସିକୋନାକୁ ବିକାଶ ଅପହଞ୍ଚ ହେଇ ରହିଯାଇଛି ।

## ଜିଲାସ୍ତରୀୟ ନାଗରିକ ମଞ୍ଚ ସଭା

**କଲମପୁର,୧୭।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା କଲମପୁର ବ୍ଲକ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ କାଳିକୃଷ୍ଣ ମନ୍ଦିର ପରିସରରେ ରବିବାର ଜିଲାସ୍ତରୀୟ ନାଗରିକ ମଞ୍ଚର ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କଲମପୁର ବ୍ଲକ ସଭାପତି ପୀତବାସ ସାହୁ, ଜୁନାଗଡ ବ୍ଲକ ସମ୍ପାଦକ ଡ. ତ୍ରିଭୂବନ ପଣ୍ଡା, କୋକସରା ବ୍ଲକ ସଭାପତି ବ୍ୟୋମକେଶ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଫେସର ଶୁମନ କୁମାର ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ପ୍ରଫେସର ସୀମାଞ୍ଚଳ ମିଶ୍ର ନାଗରିକ ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ଥୁଆମୂଳ ରାମପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ କଳାହାଣ୍ଡିର ଇତିହାସ ବର୍ଣ୍ଣନା କରିବା ସହ କଳାହାଣ୍ଡିକୁ ଭୋକର ଭୂଗୋଳ ଭାବେ ବିଭିନ୍ନସ୍ତରରେ ଚିତ୍ରିତ କରାଯାଇ ଭୁଲ ତଥ୍ୟ ଦିଆଯାଉଛି। କିନ୍ତୁ କଳାହାଣ୍ଡି ରାଜ୍ୟସ୍ତରରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ବରଗଡ ଜିଲାକୁ ମଧ୍ୟ ପଛରେ ପକାଇବାକୁ ଲକ୍ଷ୍ୟ ରଖିଛି ବୋଲି କହିଥିଲେ। ଜିଲା ସଭାପତି ମହାପାତ୍ର କଳାହାଣ୍ଡିର ସ୍ୱାଭିମାନ, ସୌହାର୍ଦ୍ଦ୍ୟ ଓ ସମୃଦ୍ଧି ଆମର ଲକ୍ଷ ବୋଲି ବକ୍ତବ୍ୟ ଦେବା ସହ ଚାଷୀମାନଙ୍କ ଉନ୍ନତି ପାଇଁ ଏକ କୃଷି କର୍ମଶାଳା ଆୟୋଜନ କରାଯିବ ବୋଲି କହିଥିଲେ। ଏହି ଅବସରରେ ବ୍ଲକର ବରିଷ୍ଠ ନାଗରିକ କଲମପୁରର ପ୍ରହଲ୍ଲାଦ ପଣ୍ଡା, ନୂଆଁଗାଁର ପରମାନନ୍ଦ ପଣ୍ଡା, ବଡକୁଟ୍ରର ରାଧାକାନ୍ତ ଧଙ୍ଗଡା ମାଝି, କୋଟାଗାଁର ଭାସ୍କର ଚନ୍ଦ୍ର ବେହେରା ଏବଂ ଚୁରାଗାଁର କୈଳାଶ ଚନ୍ଦ୍ର ପଣ୍ଡାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବ୍ଲକ ସମ୍ପାଦକ ସତ୍ୟ ନାରାୟଣ ରାଜପୁତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଭବାନୀପାଟଣା, ଜୁନାଗଡ ଏବଂ କଲମପୁର ବ୍ଲକର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ ।




ଜିଲାସ୍ତରୀୟ ନାଗରିକ ମଞ୍ଚ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ବିଜୁ ମହିଳା ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଜୁନାଗଡ ସହର ୧୧ ନଂ. ୱାର୍ଡରେ ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ।

**ଜୁନାଗଡ,୧୭।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଜୁନାଗଡ ସହରରେ ରବିବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ୧୧, ୭, ୬ ଓ ୫ ନଂ. ୱାର୍ଡରେ ଏଡି କାର୍ଯ୍ୟକ୍ରମ ସମ୍ପର୍କରେ ସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ମହିଳାମାନେ କିପରି ମିଶନ ଶକ୍ତି ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି ତାହା ଉପରେ ଉପସ୍ଥିତ ମହିଳାମାନଙ୍କୁ ବୁଝାଯାଇଥିଲା। ଏଥିରେ ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜୁନାଗଡ ନଗର ସଭାନେତ୍ରୀ ମନୋରମା ମହାଳିକ, ବିନୟା ଲକ୍ଷ୍ମୀ କୁମାର ପ୍ରମୁଖ ଯୋଗଦେଇଥିଲେ।

### କୈବର୍ତ୍ତ ମହାସଭା ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୧୭।୩**
ନିଖିଳ ଉତ୍କଳ କୈବର୍ତ୍ତ ମହାସଭାର ୧୯ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଶାଖା ସଭାପତି ଚନ୍ଦ୍ରମଣି ମାଝି ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଦୁର୍ଯ୍ୟୋଧନ ମାଝିଙ୍କ ସଂଯୋଜନାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବିପିୟୁଟି କୁଳସଚିବ ହିମାଂଶୁ ଶେଖର ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ବେହେରା ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ରକ୍ତଦାନ ଭଳି ପୁଣ୍ୟ କାମରେ ସଙ୍ଗଠନ ଧ୍ୟାନ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ। ଆଇଜିଏଚ୍ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ସୁଧାଂଶୁ ପତି, ଅନ୍ୟତମ ନିର୍ଦ୍ଦେଶକ ଡା. ଆର୍.କେ. ବେହେରା, ଡା. ସଂଘମିତ୍ରା ଶତପଥୀ, ଡା. ପ୍ରତିଭା ବେହେରା, ଡା. ଏ.ଏସ୍. ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ତରାଇ, ସରୋଜ ରାଉଳ, ଶ୍ରୀକାନ୍ତ ଜେନା, ମଙ୍ଗୁଳି ବସ୍ତିଆ, ଚିତ୍ତ ବେହେରା, ଅଜୟ ତରାଇ ପ୍ରମୁଖ ରକ୍ତଦାନ କରିଥିଲେ। ସଂଗଠନ ଆବାହକ ଏଲ୍.ସି. ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ପ୍ରଶାନ୍ତ ତରାଇ, ସାଗର ମହାନ୍ତି, ବୈକୁଣ୍ଠ ତରାଇ, କୈଳାସ ବେହେରା ସହଯୋଗ କରିଥିଲେ।

## ବିଶ୍ୱ ଗ୍ଲୁକୋମା ସପ୍ତାହ ଉଦ୍‌ଯାପିତ

**ଭବାନୀପାଟଣା,୧୭।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହାୟତାରେ ଗତ ୧୦ ତାରିଖଠାରୁ ଚାଲିଥିବା ବିଶ୍ୱ ଗ୍ଲୁ କୋମା (କଳାମୋତିଆ) ସପ୍ତାହ ୧୬ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ଠିକ୍ ଚିହ୍ନଟ, ଠିକ୍ ଉପଚାର କଳାମୋତିଆକୁ ନ ଥିବ ଡର ନାରା ଦେଇ ଜନସଚେତନତା ସୃଷ୍ଟି କରାଯାଇଥିଲା । ଜିଲା ସ୍ୱାସ୍ଥ୍ୟ ବିଭାଗ ସଭା ଗୃହରେ ଆୟୋଜିତ ଉଦ୍‌ଯାପନୀ ଦିବସର ଅତିଥି ଭାବେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବନଲତା ଦେବୀ, ଡା.ଅଶୋକ କୁମାର ଦାସ, ଡା. ନିବେଦିତା ସାହୁ, ଡା. ପ୍ରିୟଙ୍କା ସିନ୍ଧେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ଅବନୀରଞ୍ଜନ ମହାପାତ୍ର, ଡିଏମ୍ ସୁବାସ ଚନ୍ଦ୍ର ମିଶ୍ର, ଅତିରିକ୍ତ ଆଶା ପରିଚାଳକ ଅକ୍ଷୟ କୁମାର ରଣା, ଜିଲା ଜନସ୍ୱାସ୍ଥ୍ୟ ଯୋଗାଧକ୍ଷ ଅଧିକାରୀ ଖଗେନ୍ଦ୍ର ମାଝି, ଜିଲା ଲେପ୍ରୋସି ପରିଚାଳକ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ପ୍ରମୁଖ ଯୋଗ ଦେଇ ବିଶ୍ୱ ଗ୍ଲୁକୋମା ସପ୍ତାହ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଗ୍ଲୁକୋମା (କଳାମୋତିଆ) ହେଉଛି ଏକ ଚକ୍ଷୁ ରୋଗ ଯାହା ଦୃଷ୍ଟିଶକ୍ତି ନଷ୍ଟର ଏକ ପ୍ରମୁଖ କାରଣ। ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ। ଜନସଚେତନତା ପାଇଁ ପ୍ରତି ବର୍ଷ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ କରାଯାଉଛି ବୋଲି ବକ୍ତାମାନେ କହିଥିଲେ। ଏହି କଳାମୋତିଆ ବା ଗ୍ଲୁ କୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଏ। ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇ ନ ଥାଏ। ତେବେ କେତେକ କ୍ଷେତ୍ରରେ ଆଖି ଡୋଳା ଚାରିପଟେ ରଙ୍ଗିନ ଗୋଲ ଦେଖାଯିବା, ଆଖି ଯନ୍ତ୍ରଣା ସହ ମୁଣ୍ଡବ୍ୟଥା ହେବା ଲକ୍ଷଣ ପରିଲକ୍ଷିତ ହୋଇଥାଏ। ୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି କଳାମୋତିଆ ପାଇଁ ନିଶ୍ଚୟ ଚକ୍ଷୁ ପରୀକ୍ଷା କରାଇନେବା ଅତ୍ୟନ୍ତ ଜରୁରି ଅଟେ। ଏହି ପରୀକ୍ଷା ସରକାରୀ ଚିକିତ୍ସାଳୟରେ ବିନା ମୂଲ୍ୟରେ କରାଯାଇ ଥାଏ ବୋଲି ବକ୍ତାମାନେ କହିଥିଲେ।




ବିଶ୍ୱ ଗ୍ଲୁ କୋମା ସପ୍ତାହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ୧୮ ରୁ ବିଜୁ ଯୁବ ଓ ଛାତ୍ର ଜନତାର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ




ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସୂଚନା ଦିଆଯାଉଛି ।

**ଭବାନୀପାଟଣା,୧୭।୩(ଡି.ଏନ.ଏ.)**
କଳାହାଣ୍ଡି ଜିଲାରେ ସମସ୍ତ ବ୍ଲକ ଓ ପଞ୍ଚାୟତରେ ଆସନ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ଥାନୀୟ ଏକ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଛାତ୍ର ଜନତାଦଳ ତରଫରୁ ଏହି ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ କଳାହାଣ୍ଡି ବିଜୁ ଛାତ୍ର ଜନତାଦଳ ଜିଲା ସଭାପତି ଅବିନାଶ ଠାକୁର ବିଜେଡିର ଜିଲା ଉପସଭାପତି ଭବାନୀଶଙ୍କର ମିଶ୍ର, ଯୁବ ବିଜେଡି ପର୍ଯ୍ୟବେକ୍ଷକ ମହମ୍ମଦ ସାହିଦ, ଛାତ୍ର ବିଜେଡି ପର୍ଯ୍ୟବେକ୍ଷକ ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ଦାସ, ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ରବି ପଟ୍ଟନାୟକ ଯୋଗଦେଇ କେନ୍ଦ୍ର ସରକାର ଲଗାତର ଭାବେ କଳାହାଣ୍ଡି ସମେତ ସାରା ଓଡିଶା ପ୍ରତି ସବୁ କ୍ଷେତ୍ରରେ କିପରି ବୈମାତୃକ ମନୋଭାବ ଦେଖେଇ ଆସୁଛନ୍ତି ଗୋଟି ଗୋଟି କରି ବଖାଣିବା ସହିତ କେନ୍ଦ୍ର ସରକାର ଓଡିଶାକୁ ସାବତ ପୁଅପରି ଦେଖି ଆସୁଥିଲେ ବୋଲି ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ବିଜୁ ଯୁବ ଛାତ୍ର ଜନତାଦଳ ତରଫରୁ ଗତ ୧୬ ତାରିଖରୁ ଓଡିଶାରୁ ପ୍ରତେକ ପଞ୍ଚାୟତ ଅଞ୍ଚଳକୁ ଯାଇ ପଥ ପ୍ରାନ୍ତ ସଭା ମାଧ୍ୟମରେ ଓଡିଶା ପ୍ରତି କେନ୍ଦ୍ର ସରକାର କିପରି ଅଣଦେଖା କରୁଛି ତାହା ଜନସଚେତନତା ସୃଷ୍ଟି କରିବା ପାଇଁ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲାରେ ଆସନ୍ତା ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେବ। କେନ୍ଦ୍ର ସରକାର ଗତ ୨୦୧୪ ନିର୍ବାଚନ ସମୟରେ ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ଯଥା ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେବାରେ ଭାଜପାର ବୈମାତୃକ ମନୋଭାବ, ବେକାରିଙ୍କୁ ନିଯୁକ୍ତି ଦେବାରେ ଅବହେଳା, ମହାନଦୀ ପ୍ରସଙ୍ଗରେ ଭାଜପାର ଦୋମୁହାଁ ନିତି, ଜାତୀୟ ରାଜପଥ ନିର୍ମାଣରେ ଟାଳଟୁଳ ନୀତି, ଟେଲିକମ୍ ନେଟୱର୍କରେ ଅବହେଳା, ଓଡିଶାରୁ ବାର୍ଷିକ ରେଳ ବିଭାଗ ୨୦ ହଜାର କୋଟି ରାଜସ୍ୱ ଆଦାୟ କରୁଥିବା ବେଳେ ରାଜ୍ୟକୁ ଅବହେଳା, ବିପଯ୍ୟସ୍ତ ବ୍ୟାଙ୍କ ସେବା, କୋଇଲା, ରୟାଲ୍‌ଟିରେ ସଂଶୋଧନ ନକରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିରେ ଚାଷୀଙ୍କୁ ପ୍ରତାରଣା କରିବା ଆଦି ୨୦ଟି ପ୍ରସଙ୍ଗକୁ ଭୁଲି ଯାଇଛନ୍ତି। ଏହି ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ଜନସାଧାରଣ ସମ୍ମୁଖରେ କେନ୍ଦ୍ର ସରକାରର ଓଡିଶା ପ୍ରତି ଥିବା ବୈମାତୃକ ମନୋଭାବକୁ ଉପସ୍ଥାପନ କରିବ ବୋଲି କୁହାଯାଇଛି ।

## ଇଚ୍ଛାପୁର ମାଇନର କେନାଲ ଉଜାଡୁଛି ଚାଷ

**ଭବାନୀପାଟଣା,୧୭।୩(ଡି.ଏନ.ଏ.)**
ଇନ୍ଦ୍ରାବତୀ କେନାଲ ନିର୍ମାଣ ହେବା ପରେ ଚାଷୀ ସ୍ୱପ୍ନ ଦେଖିଥିଲେ ନିଜ ତଥା ନିଜ ପରିବାରର ସୁଖମୟ ଭବିଷ୍ୟତ। ଇନ୍ଦ୍ରାବତୀ ଜଳ ସେଚନ ପାଇ ଦୁଇ ଫସଲ ଚାଷ ଉତ୍ପାଦିତ କରିବେ ବୋଲି ଦିନେ ସେମାନେ ଭାବିଥିଲେ । ସେମାନଙ୍କ ଆର୍ଥିକ ବିକାଶ ହେବ ଓ ଇନ୍ଦ୍ରାବତୀ ସେମାନଙ୍କ ପାଇଁ ଆଶିର୍ବାଦ ପାଲଟିବ। କିନ୍ତୁ ଆଶିର୍ବାଦ ଏବେ ଅଭିଶାପ ପାଲଟିଯାଉଛି । ଏଭଳି ପରିସ୍ଥିତିର ସମ୍ମୁଖିନ ହେଉଛନ୍ତି କଲମପୁର ବ୍ଲକ ଅଧୀନ ହାତୀ ନଦୀ ଦ୍ୱାରା ସର୍ବଦା ପ୍ରଭାବିତ ହେଉଥିବା ବାଲିଛଡା ଗ୍ରାମ ଚାଷୀ। ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଅନ୍ତର୍ଗତ ଇଚ୍ଛାପୁର ମାଇନର କେନାଲରୁ ବାଲିଛଡା କେନାଲକୁ ସଂଯୋଗ ହେଇଛି । ଇଚ୍ଛାପୁର ମାଇନରଠାରୁ ଦୀର୍ଘ ୪ କି.ମି. ଲମ୍ବ ଏହି କେନାଲରେ ପ୍ରାୟ ୪ ଶହ ଏକର ଚାଷ ଜମିକୁ ଜଳ ସେଚନ କରିବା ଲକ୍ଷରେ ନିର୍ମିତ ହୋଇଛି। କିନ୍ତୁ ପରିତାପର ବିଷୟ କେତେବେଳେ ଏହି କେନାଲ ମାଧ୍ୟମରେ ତଳ ମୁଣ୍ଡ ଚାଷୀ ଜଳ ସେଚନ ସୁବିଧା ପାଉନାହାନ୍ତି ତ କେତେବେଳେ ଅଧା ରାସ୍ତାରେ କେନାଲ ବନ୍ଧ ଭାଙ୍ଗି ଚାଷୀଙ୍କ ଜମିରେ ବନ୍ୟା ସୃଷ୍ଟି କରି ଚାଷ ନଷ୍ଟ କରୁଛି। ଏହି ଭଳି ସମସ୍ୟା ରିତିମତ ହେଇ ଚାଲିଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ ଏଥିପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ। ସୂଚନାଯୋଗ୍ୟ ଯେ, ଗତ ଦୁଇ ବର୍ଷ ତଳେ ହାତୀ ନଦୀରେ ଦେଖାଦେଇଥିବା ବନ୍ୟା ପାଣିର ପ୍ରଭାବରେ କେନାଲର କିଛି ସ୍ଥାନ ଭାଙ୍ଗି ଯାଇଥିଲା । ବିଭାଗୀୟ ଅଧିକାରୀ ଏହା ଦେଖି କିଛି ବାଲି ବସ୍ତା ପକାଇ ସମସ୍ୟାର ସାମୟିକ ସମାଧାନ କରିଥିଲେ। କିନ୍ତୁ ଅଦ୍ୟାବଧି ଏହା ସ୍ଥାୟୀ ସମାଧାନ ହୋଇ ପାରିନାହିଁ । ଏଥିପାଇଁ ବିକାଶ ରଞ୍ଜନ ବେହେରା, ସୁବ୍ରତ କୁମାର ବେହେରା, ଦିଲିପ କୁମାରପଣ୍ଡା, ମିତ୍ର ଭାନୁ ନନ୍ଦ, ଅଙ୍କୁର କରୁଆଁ, ନନ୍ଦ ଗୁଆ, ବନ ଗୁଆ, ସତ୍ୟ ନାରାୟଣ କରୁଆଁ, ନଳିନୀ ପଣ୍ଡା, ଲଳିତ ମୋହନ ବେହେରା, ଜ୍ଞାନବନ୍ତ ବେହେରା, ପ୍ରମୁଖ ଚାଷୀଙ୍କ ଜମିରେ ସର୍ବଦା ବନ୍ୟା ପାଣି ପ୍ରବାହିତ ହେବା ଦ୍ୱାରା ଚାଷ ନଷ୍ଟ ହେଇ ଚାଲିଛି। ଚାଷୀ କେନାଲ ପାଣିକୁ ଅଟକାଇବା ପାଇଁ ପ୍ରାୟସ କରୁଥିଲେ ମଧ ସଫଳ ହେଇ ପାରୁନାହାନ୍ତି । ଯାହା ଦ୍ୱାରା ଅଧିକ ମୂଲ୍ୟ ଦେଇ ରାସାୟନିକ ସାର ଓ କୀଟନାଶକକୁ ଜମିରେ ପ୍ରୟୋଗ କରିବା ପରେ ଅନବରତ ପାଣି ପ୍ରବାହିତ ହେଉଥିବାରୁ ନଷ୍ଟ ହେଉଛି । ଅନ୍ୟପଟେ ଏହି କେନାଲର ତଳମୁଣ୍ଡରେ ଥିବା କରେନ୍ଦ୍ର ଦୁର୍ଗା, ହରିଶଙ୍କର ଦୁର୍ଗା, ଅର୍ଜୁନ ଦୁର୍ଗା, କପିଳ ଦୁର୍ଗା, ଦୁର୍ଜନ କରୁଆଁ, ବିଶେଶ୍ୱର କରୁଆଁ, ଯୁଦ୍ଧିଷ୍ଟିର ବେମାଲ, ଯୁଦ୍ଧିଷ୍ଟିର ପୂଝାରୀ, ଉଦ୍ଧବ ପୂଝାରୀ, ପ୍ରସାଦ ମାଝି ପ୍ରମୁଖ ଚାଷୀଙ୍କ ଚାଷ ଜମିକୁ ଜଳ ସେଚନ ସୁବିଧା ମିଳି ପାରୁନାହିଁ । କିନ୍ତୁ ରିତିମତ ଚାଷୀ ଜଳକର ବାନ୍ଧି ଚାଲିଛନ୍ତି । ବର୍ତ୍ତମାନ ସ୍ଥିତିରେ ଏହି କେନାଲର ସାମୟିକ ମରାମତି କରା ନ ଯାଏ ତେବେ ଏହି ଚାଷୀ ମାନଙ୍କ ପ୍ରାୟ ଦୁଇଶହ ଏକର ଚାଷ ଜମିର ଚାଷ ନଷ୍ଟ ହେବାର ଆଶଙ୍କା କରାଯାଉଛି । ତୁରନ୍ତ ଏହାର ଏକ ସାମୟିକ ସମାଧାନ କରା ନ ଗଲେ ବହୁ ଚାଷୀ କ୍ଷତିଗ୍ରସ୍ଥ ହେବା ସହ ସେମାନଙ୍କ ପରିବାର ଆର୍ଥିକ ସମସ୍ୟାର ସମ୍ମୁଖିନ ହେବେ । ଏ ନେଇ ଦାୟିତ୍ୱରେ ଥିବା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ଇନ୍ଦ୍ରାବତି ଦକ୍ଷିଣ ମୁଖ୍ୟ କେନାଲ ୧ ମୁଖୀଗୁଡାର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳ ଦେଇ ଏହି କେନାଲର ଗତିପଥ ରହିଛି । ତେଣୁ ସର୍ବଦା ବନ୍ୟା ଦ୍ୱାରା ପ୍ରଭାବିତ ହେଉଛି। ଏହାର ସ୍ଥାୟୀ ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଇଛି । ରବି ଫସଲ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାସହ ପାଣି ପଞ୍ଚାୟତ ମାଧ୍ୟମରେ ବାଲି ବସ୍ତା ଦେଇ ସମାଧାନ କରାଯିବା ନେଇ ସୂଚନା ଦେଇଥିଲେ ।

### ୨ ଶହ ଏକର ଚାଷ ନଷ୍ଟ ହେବା ଆଶଙ୍କା



କେନାଲ ବନ୍ଧ ଭାଙ୍ଗି ଚାଷୀଙ୍କ ଚାଷ ନଷ୍ଟ ହୋଇଛି ।



“ ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ

### ତୁଷରା ବସ୍‌ଷ୍ଟାଣ୍ଡରେ ପରିସ୍ରାଗାର ନିର୍ମାଣ ଦାବି

ଗୁଡ଼ଭେଲା,୧୭।୩ (ଡି.ଏନ.ଏ.)- ବଲାଙ୍ଗୀର ଜିଲା ତୁଷରା ସହରସ୍ଥିତ ବସ୍‌ଷ୍ଟାଣ୍ଡରେ ପରିସ୍ରାଗାର ନାହିଁ। ଜିଲାର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ତୁଷୁରାରେ ଥାନା, ଚିକିତ୍ସାଳୟ, ତହସିଲ, ବ୍ୟାଙ୍କ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ରହିଥିବା ବେଳେ ଆଖପାଖ ୩୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଏଠାକୁ ବିଭନ୍ନ କାମରେ ଆସିଥାନ୍ତି। ହେଲେ ଏହିପରି ଏକ ପ୍ରମୁଖ ସ୍ଥାନ ବସ୍‌ଷ୍ଟାଣ୍ଡରେ ପରିସ୍ରାଗାର ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ହଟହଟା ହେବା ସହ ଏକ କିମି ଦୂରକୁ ଶୌଚ ପାଇଁ ଯାଉଛନ୍ତି। ଅନ୍ୟପକ୍ଷରେ କିଛି ଦିନ ହେଲା ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରାଯାଇଥିବା ବେଳେ ସହରରୁ ଦୂରରେ ଥିବାରୁ ବସ୍ ସେଠାକୁ ଯାଉ ନାହିଁ। ଏ ନେଇ ତୁଷରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ କହିଛନ୍ତି ଯେ, ନୂତନ ବସଷ୍ଟାଣ୍ଡରେ ସବୁ ସୁବିଧା ରହିଛି। ହେଲେ ସେଠାକୁ ଲୋକ ଯାଉନାହାନ୍ତି ବୋଲି କହିଛନ୍ତି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣର ନିନ୍ଦା

ଗୁଡ଼ଭେଲା,୧୭।୩ (ଡି.ଏନ.ଏ.)- ବଲାଙ୍ଗୀର ଜିଲାର ଦୁଇ ଜଣ ଖବରଦାତା ଚନ୍ଦ୍ରଭାନୁ ମୌଲାନା ଓ ଅମରଜିତ ବେହେରା ଖବର ସଂଗ୍ରହ କରୁଥିବା ବେଳେ କେତେକ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। କିନ୍ତୁ ପୋଲିସ ଏ ପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ପାରି ନଥିବାରୁ ତୁଷୁରା ସାମ୍ବାଦିକ ମହଲ ଏହାର ନିନ୍ଦା କରିଛି। ଶନିବାର ସଂଘ ସଭାପତି ମନୋଜ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାରେ ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଣୁ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସୁନୀଲ ଜୈନ, ଶରସ ପ୍ରଧାନ, ସଙ୍ଗୀତ ଜୈନ, ଦୈତାରୀ ଆଚାର୍ଯ୍ୟ, ବିନୋଦ ସୁନା, ମନୀଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ସଂଘ ବୈଠକ

ଦେଓଗାଁ,୧୭।୩(ଡି.ଏନ.ଏ.)-ବଲାଙ୍ଗୀର ଜିଲା ସଦର ବ୍ଲକ ସାହାଜବାହାଲ ଜଗନ୍ନାଥ ଡିଗ୍ରୀ କଲେଜ ପରିସରରେ ରବିବାର ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁଷୁରା ଡିଗ୍ରୀ କଲେଜ ଅଧକ୍ଷ ସରୋଜ କୁମାର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ କ୍ରାଇଟେରିଆ କଲେଜର ରାଜ୍ୟ ସଭାପତି ଅଶ୍ୱିନୀ କୁମାର ମେହେର ଯୋଗଦେଇଥିଲେ। ସରକାରଙ୍କ ୨୦୧୭ ଅନୁଦାନ ପରିସରଭୂକ୍ତ ହେବାକୁ ଲିଖିତ ଇଣ୍ଟିମେସନ ନଦେବା ପାଇଁ ବୈଠକରେ ଉପସ୍ଥିତ କର୍ମଚାରୀ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ଏଥିସହ ୧୯୯୪ ଅନୁଦାନ ପରିସରଭୂକ୍ତ ହେବାପାଇଁ ଦୀର୍ଘ ଦିନର ଦାବିକୁ କାର୍ଯ୍ୟକ୍ଷମ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯିବା ସହ ଚଳିତମାସ ୩୧ ତାରିଖରେ ବଲାଙ୍ଗୀର,ବରଗଡ ଓ ସୁବର୍ଣ୍ଣପୁର ଜିଲାର ବ୍ଲକ କ୍ରାଇଟେରିଆ କଲେଜର କର୍ମଚାରୀମାନଙ୍କୁ ନେଇ ବାଲଙ୍ଗୀରଠାରେ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଶେଷରେ ସଞ୍ଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଖପ୍ରାଖୋଲ ଅଞ୍ଚଳରେ କୁଆପଥର ବର୍ଷା

ଖପ୍ରାଖୋଲ, ୧୭।୩(ଡି.ଏନ.ଏ.) ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କୁଆପଥର ବର୍ଷା ହୋଇଛି। ବ୍ଲକର ତେଲେନପାଲି, ଓଡିଆପାଲି, ଖପ୍ରାଖୋଲ, ମହରାପଦର, ଧଣ୍ଡାମୁଣ୍ଡା, ନାନ୍ଦୁପଲା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁରେ ଅପରାହ୍ନରେ କୁଆପଥର ବର୍ଷା ହୋଇ ଫଳରେ ପନିପରିବା ଫସଲ ପ୍ରଭାବିତ ହୋଇଛି। କୁଆପଥର ବର୍ଷା ଯୋଗୁଁ ଆମ୍ବ, ଚାରକୋଳି, ମହୁଲ ଫୁଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ରାଜେନ୍ଦ୍ର କଲେଜରେ ଆନ୍ତର୍ଜାତିକ ସେମିନାର ଉଦ୍‌ଯାପିତ

# ଶିକ୍ଷା କ୍ଷେତ୍ରରୁ ଭେଦଭାବ ଦୂରହେଉ

ବଲାଙ୍ଗୀର ଅଫିସ, ୧୭।୩

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ କଲେଜରେ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତିକ ସେମିନାର ଉଦ୍‌ଯାପିତ ହୋଇଛି। କଲେଜ ଅଧକ୍ଷ ବିନୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ ପଲିସିଜ୍, ପ୍ରାକ୍ଟିସେସ୍, ଚେଲେଞ୍ଜିସ୍ ଇନ୍ ଇନ୍‌କ୍ଲ୍ୟୁସିଭ୍ ଏଜୁକେସନ୍ ବିଷୟରେ ଅତିଥି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ ବିଶ୍ୱଜିତ ଶତପଥୀ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଭେଦଭାବ ନୀତି ଅବଲମ୍ବନ କରାଯିବା ଉଚିତ୍ ନୁହେଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରପତି କେଆର ନାରାୟଣନ୍‌ଙ୍କ ପ୍ରେସ୍ ସଚିବ ଡ ସତ୍ୟନାରାୟଣ ସାହୁ ଯୋଗଦେଇ ଘରୋଇକରଣ ଯୋଗୁଁ ସମଷ୍ଟିଗତ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଭିମାନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ ସ୍ମୃତି ମହାପାତ୍ର ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥାରେ ଇନ୍‌କ୍ଲୁସିଭ ଶିକ୍ଷା ବ୍ୟବସ୍ଥାର ଉନ୍ନତି ଓ ଭାରତରେ ଏହାର ଦୟନୀୟ ସ୍ଥିତି ଉପରେ ଆଲୋକପାତ କରିଥିଲେ। ସମ୍ମାନ ଆବାହକ ତଥା ବିଭାଗୀୟ ସଂଯୋଜକ ଡ. ଏମ୍. ଏମ୍. ପୋଲେଇ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧକ୍ଷ ଜେନା କଲେଜରେ ଶିକ୍ଷକ ଶିକ୍ଷା ବିଭାଗ ଖୋଲିବା ସମୟର କଷ୍ଟ ସମ୍ପର୍କରେ ଜଣାଇଥିଲେ। ଶେଷରେ ଡ ପ୍ରମୋଦ ବାଗ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ସଭା ପରେ ଆନ୍ତର୍ଜାତିକ ସେମିନାର ଆରମ୍ଭ ହୋଇଥିଲା। ଏଥିରେ ନ୍ୟୁଜିଲାଣ୍ଡର ସିଆଇସି ଟ୍ରଷ୍ଟର ଅଧକ୍ଷ ଡାନିଏଲ ଜନ୍ ଉଇଲକିନ୍‌ସନ୍ ଯୋଗଦେଇ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସମାଜର ଥିବା ବିବିଧତା ଉପରେ କହି ଶିକ୍ଷା ବ୍ୟବସ୍ଥାରେ ମଧ ବିବିଧତା ପ୍ରତିଫଳନ ଆବଶ୍ୟକ ବୋଲି କହିଥିଲେ। ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ କାହ୍ନୁଚରଣ ସାହୁ, ବରୋଦାର ଏମ୍‌ଏସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ନେତ୍ରାନନ୍ଦ ପ୍ରଧାନ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପରବର୍ତ୍ତର ଅଧିବେଶନରେ ଦିଲ୍ଲୀ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଗୁଜୁରାଟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରତିନିଧିମାନେ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ସଂଯୁକ୍ତ ରାଷ୍ଟ୍ରର ଡେଷ୍ଟିନ୍ ଏଜୁକେଶନାଲ ସର୍ଭିସେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଜୋଏ ଟାଉନ୍‌ସେଣ୍ଟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ଆନ୍ତର୍ଜାତିକ ସେମିନାରରେ ଦେଶବିଦେଶରୁ ପ୍ରତିନିଧି, ବିଭିନ୍ନ କଲେଜରୁ ଆସିଥିବା ପ୍ରତିନିଧି ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।



ରାଜେନ୍ଦ୍ର କଲେଜରେ ଅନୁଷ୍ଠିତ ଆନ୍ତର୍ଜାତିକ ସେମିନାରରେ ମଞ୍ଚାସୀନ ଅତିଥି ବକ୍ତା।

# ରାସ୍ତାରୁ ଛଡ଼ାଇ ନେଇ ଟ୍ରାକ୍ଟର ଜାଳିଦେଲେ

ଦେଓଗାଁ,୧୭।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ସିଲେଟକାନୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟରକୁ ରାସ୍ତାରୁ ଛଡାଇ ନେଇ ଦୁର୍ବୃତ୍ତମାନେ ପୋଡିଦେଇଛନ୍ତି। ସିଲେଟକାନୀ ଗ୍ରାମର ଗାଡି ମାଲିକ ରାମ ଗୋପାଳ ବଗର୍ତ୍ତଙ୍କ ଅଭିଯୋଗକୁ ଭିତ୍ତି କରି ବନ୍ଧପଡା ଫାଣ୍ଡିରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଫାଣ୍ଡି ଅଧିକାରୀ ନବୀନ କୁମାର ଭୋଇ କହିଛନ୍ତି। ସୂଚନା ଅନୁସାରେ ସିଲେଟକାନୀ ଗ୍ରାମର ରାମଗୋପାଳ ତାଙ୍କର ମହିନ୍ଦ୍ରା ଟ୍ରାକ୍ଟରକୁ ନିଜେ ଚଲାଇ ନିକଟସ୍ଥ ଚୋରମରା ଗ୍ରାମରେ ରହୁଥିବା ତାଙ୍କ ଡ୍ରାଇଭରଙ୍କ ନିକଟକୁ ଶନିବାର ସନ୍ଧ୍ୟା ୬ଟାରେ ଯାଇଥିଲେ। ସେଠାରୁ ଫେରିବା ବାଟରେ କନକପୁର ଓ କରୁଆଁଝର ରାସ୍ତାର ପତ୍ରା ଜଙ୍ଗଲ ପାଖରେ ପୂର୍ବରୁ ଜଗି ରହିଥିବା ୪ଜଣ ଦୁର୍ବୃତ୍ତ ହଠାତ ମାରଣାସ୍ତ୍ର ଧରି ଟ୍ରାକ୍ଟରକୁ ଅଟକାଇଥିଲେ। ଜୀବନରୁ ମାରିଦେବା ଧମକ ଦେଇ ଭୟଭୀତ କରି ଟ୍ରାକ୍ଟରକୁ ଛଡାଇ ନେଇଥିଲେ। ରବିବାର ସକାଳୁ ପରେ ଉକ୍ତ ଟ୍ରାକ୍ଟରଟି ସିଲେଟକାନୀ ଗାଁ ନିକଟ ରାସ୍ତାପାର୍ଶ୍ୱରେ ଥିବା ଏକ ପାଳଗଦା ପାଖରେ ପୋଡିଯାଇଥିବା ଦେଖିବାକୁ ମିଳିଥିଲା। ଟ୍ରାକ୍ଟରଟି ସମ୍ପୂର୍ଣ୍ଣରୂପେ ଜଳିଯାଇଥିବା ବେଳେ ଟ୍ରଲି ସୁରକ୍ଷିତ ରହିଛି। ମଧ୍ୟାହ୍ନରେ ତୁଷୁରା ଥାନା ଆଇଆଇସି ଯଶୋବନ୍ତ ନାରାୟଣ ନାୟକ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ଏଭଳି ଘଟଣା ଘଟିବା ପଛରେ କି କାରଣ ରହିଛି ତାହାର ତଦନ୍ତ କଲେ ପ୍ରକୃତ ରହସ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।


କନକପୁର-କରୁଆଁଝର ରାସ୍ତା ନିକଟସ୍ଥ ଏକ ପାଳଗଦା ପାଖରେ ଟ୍ରାକ୍ଟରକୁ ପୋଡି ଦିଆଯାଇଛି।


ଘସିଏନ ଦେବୀପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞରେ ଶ୍ରଦ୍ଧାଳୁମାନେ।

## ବିଶ୍ୱଶାନ୍ତି ମହାଯଜ୍ଞ, ଭାଗବତ ପାରାୟଣ

ଖପ୍ରାଖୋଲ, ୧୭।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ପତ୍ରାପାଲି ଘସିଏନ ଦେବୀ ଛକଠାରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଓ ଭାଗବତ ପରାୟଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମ ଘସିଏନ ଦେବୀ ପୀଠ ଉତ୍ସବ ମୁଖର ହୋଇଉଠିଥିଲା। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ଚବିଶ ପ୍ରହର ନାମଯଜ୍ଞ, ଭାଗବତ ପାରାୟଣ, ପ୍ରବଚନ, ଅଲେଖ ମହିମା ଯଜ୍ଞ ଆଦି ଆୟୋଜିତ ହୋଇଥିବା ବେଳେ ସନ୍ଧ୍ୟାର ସହ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଜାକର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ ପରେଶ ଚନ୍ଦ୍ର ପଧାନ। ଆୟୋଜକ କମିଟି ସଭାପତି ବିନୋଦ ପଧାନ, ସମ୍ପାଦକ କରମସିଂ ଛତର, ଉପଦେଷ୍ଟା ଜୟଚନ୍ଦ୍ର ପଧାନଙ୍କ ନେତୃତ୍ୱରେ ପତ୍ରାପାଲି, କେରବେଡା, କନଗାଁ, ବଲିଆଭଟା, କୁଆବାଉଁଶ, ଅଏଁଲାପାଲି, କୁସୁମକାନୀ ଗାଁର ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ଆଦିବାସୀ କଲ୍ୟାଣ ସଂଘର ବୈଠକ

ଟିଟିଲାଗଡ଼, ୧୭।୩ (ଡି.ଏନ.ଏ)

ଟିଟିଲାଗଡ଼ ଘଣ୍ଟାସୁନୀ ମନ୍ଦିର ପରିସରରେ ରବିବାର ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଦିବାସୀ ନେତା ନିରଞ୍ଜନ ବିଶିଙ୍କୁ ବିଜେଡି ଟିକେଟ ପ୍ରଦାନ ପାଇଁ ଦାବି ଉଠିଛି। ସଂଘର ଜିଲା ସଭାପତି ବ୍ରଜକିଶୋର ସିଂଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶିଙ୍କୁ ପାଟଣାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡିରୁ ଟିକେଟ ପ୍ରଦାନ କରାଯାଉ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିରଞ୍ଜନ ପାଟଣାଗଡରେ ଭାଜପାର ବିଜୟକୁ ପ୍ରତିହତ କରିପାରିବାକୁ ସକ୍ଷମ ହେବେ। ତାଙ୍କୁ ପ୍ରାର୍ଥି କରା ନ ଗଲେ ଆଦିବାସୀଙ୍କ ପକ୍ଷରୁ ବଲାଙ୍ଗୀର ଲୋକସଭା ସମେତ ଜିଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶାସକ ଦଳ ପ୍ରାର୍ଥୀମାନଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ବୈଠକରେ ସଂଘର ଜିଲା ଉପସଭାପତି ବିଶିକେସନ ଜାନୀ, ନିତ୍ୟା ମାଝୀ, ଥବିର ପୂଝାରୀ, ଇନ୍ଦ୍ରମଣୀ ମାଝୀ, ଘାସିରାମ ମାଝୀ, ପରଂବ୍ରହ୍ମ ମାଝୀ, ଦିଲୀପ ମାଝୀ, ଜଗନ୍ନାଥ ମାଝୀ, ଜଳନ୍ଧର ମାଝୀ, ପତରଙ୍ଗି ମାଝୀ, ପୃଥିରାଜ ମାଝୀ, ଚୈତନ୍ୟ ମାଝୀ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗାନ୍ଧୀ ହତ୍ୟା ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ଜାତୀୟ ସୂଚନା କମିଶନଙ୍କ ନିର୍ଦ୍ଦେଶ

ବଲାଙ୍ଗୀର ଅଫିସ, ୧୭।୩

ମହାତ୍ମା ଗାନ୍ଧୀଙ୍କ ହତ୍ୟା ସମ୍ପର୍କିତ ରେକର୍ଡ ଓ ଦସ୍ତାବିଜ ସମ୍ପର୍କରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ପାଇଁ ଜାତୀୟ ସୂଚନା କମିଶନ ସୁପ୍ରିମକୋର୍ଟର ଜନସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କ ଆବେଦନର ଶୁଣାଣି କରି ଜାତୀୟ ସୂଚନା କମିଶନର ସୁଧୀର ଭାର୍ଗବ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସୁପ୍ରିମକୋର୍ଟରେ ଥିବା ମହାତ୍ମା ଗାନ୍ଧୀଙ୍କ ହତ୍ୟାକାଣ୍ଡ ସମ୍ପର୍କିତ ତିନୋଟି ନିର୍ଦ୍ଦିଷ୍ଟ ବିଷୟରେ ସୂଚନା ଅଧିକାର କର୍ମୀ ପଣ୍ଡା ଗତ ୧୭ ଅଗଷ୍ଟ ୨୦୧୬ରେ ସୁପ୍ରିମକୋର୍ଟ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। କୋର୍ଟରେ ଗାନ୍ଧୀ ହତ୍ୟାକାଣ୍ଡର ଅଭିଯୁକ୍ତମାନେ ପ୍ରଦାନ କରିଥିବା ସମସ୍ତ ବିବରଣୀ, ପୋଲିସ ଅନୁସନ୍ଧାନ ରିପୋର୍ଟ ଓ ସାକ୍ଷୀମାନଙ୍କ ବିବରଣୀର ନକଲ ମାଗିଥିଲେ। ସୁପ୍ରିମକୋର୍ଟ ସୂଚନା ଅଧିକାରୀ ତଥା ଅତିରିକ୍ତ ରେଜିଷ୍ଟ୍ରାର ଅଜୟ ଅଗ୍ରୱାଲ ଏଭଳି ସୂଚନାର ଉତ୍ତର ଦେବାକୁ ଯାଇ ଫୌଜଦାରୀ ମାମଲା (ନଂ.୬୬/୧୯୪୯) ତଥା ଗାନ୍ଧୀ ହତ୍ୟାକାଣ୍ଡ ମାମଲାର ସମସ୍ତ କାଗଜପତ୍ର ପଞ୍ଜାବ ଏବଂ ହରିଆନା ହାଇକୋର୍ଟରୁ ଧାର ସୂତ୍ରରେ ଅଣାଯାଇ ସୁପ୍ରିମକୋର୍ଟ ସଂଗ୍ରହାଳୟରେ ରଖାଯାଇଛି। ଏହି ମାମଲା ପଞ୍ଜାବ ଲ’ ରିପୋର୍ଟର ଭଲ୍ୟୁମ ଏଲଆଇ-୧୯୪୯ (ଜାନୁଆରୀ-ଡିସେମ୍ବର) ପୃଷ୍ଠା ୨୭୪ରୁ ୨୮୦ ପବ୍ଲିକ ଡୋମେନରେ ଉପଲବ୍ଧ ଏବଂ ପୋଲିସ ଅନୁସନ୍ଧାନ ରିପୋର୍ଟ ସୁପ୍ରିମକୋର୍ଟରେ ନାହିଁ ବୋଲି ଜଣାଇଥିଲେ। ଅଗ୍ରୱାଲଙ୍କ ଏଭଳି ସୂଚନାରେ ପଣ୍ଡା ସନ୍ତୁଷ୍ଟ ନ ହୋଇ ଜାତୀୟ ସୂଚନା କମିଶନଙ୍କ ପାଖରେ ଆବେଦନ କରିଥିଲେ। ଶେଷରେ ଜାତୀୟ ମୁଖ୍ୟ ସୂଚନା କମିଶନର ଗତ ଫେବୃଆରୀ ୨୮ରେ କମିଶନ ଭିଡିଓ କନଫରେନ୍ସ ଜରିଆରେ ଏହାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ସୂଚନା ଅଧିକାରୀ ପଣ୍ଡାଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ପଣ୍ଡା ପ୍ରେସବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ରହିଥିବା ଗାନ୍ଧୀହତ୍ୟା ସମ୍ପର୍କିତ ସମସ୍ତ ରେକର୍ଡକୁ ସାର୍ବଜନୀନ କରିବା ପାଇଁ ସୂଚନା ଅଧିକାର କର୍ମୀ ପଣ୍ଡା ଦୀର୍ଘଦିନ ଧରି ଉଦ୍ୟମ କରି ଆସୁଛନ୍ତି।

## ଫଟୋରେ ଖବର



ରବିବାର ସନ୍ଧ୍ୟାରେ ଅସରାଏ ବର୍ଷା ପରେ ବଲାଙ୍ଗୀର ଭୀମଭୋଇ ସରକାରୀ ମେଡିକାଲ କଲେଜ ହସପିଟାଲ ସମ୍ମୁଖରେ ବର୍ଷା ପାଣି ଜମି ରହିଛି। (ଫଟୋ-ସୁନୀଲ)

# ମରଣାନ୍ତକ ଆକ୍ରମଣ, ଯୁବକଙ୍କ କାନ ଛିଣ୍ଡିଲା

- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଭଉଣୀଙ୍କୁ ଦୁର୍ବ୍ୟବହାରର ପ୍ରତିବାଦରୁ ଆକ୍ରମଣ ଅଭିଯୋଗ
- ଅଭିଯୁକ୍ତ ଫେରାର

ବଲାଙ୍ଗୀର ଅଫିସ, ୧୭।୩

ବଲାଙ୍ଗୀର ସଦର ଥାନା ଖୁଜେନପାଲି ଗାଁରେ ରବିବାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣ ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଘଟଣା ପଛରେ ଏକତରଫା ପ୍ରେମ ଓ ପୂର୍ବ ଶତ୍ରୁତା ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଖୁଜେନପାଲିର ଜଣେ ଯୁବକ(୨୫) ପୂର୍ବାହ୍ନରେ ଗାଁ ସ୍କୁଲ ପଟକୁ ଯାଉଥିବାବେଳେ ସେହିପଡାର ବିଜୟ ବନ୍‌ଛୋର(୫୦) ଏକ ଟାଙ୍ଗିଆରେ ତାଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ। ଟାଙ୍ଗିଆ ଚୋଟରେ ସମ୍ପୃକ୍ତ ଯୁବକଙ୍କ ମୁଣ୍ଡ, ପିଠିରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କ ବାମ କାନ ଛିଣ୍ଡିଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସେଠାରେ ଥିବା କେତେକ ଲୋକ ଉଦ୍ଧାର କରି ସନ୍ଥଭୀମ ଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ଆଣିଥିଲେ। ଘଟଣା ସମ୍ପର୍କରେ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ୪ତାରିଖ ଶିବରାତ୍ରୀ ଦିନ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ଭଉଣୀ ଭିଣୋଇ ଏକ ବାଇକରେ ଫେରୁଥିବାବେଳେ ଅଭିଯୁକ୍ତ କାଳିଆ ବନ୍‌ଛୋର(୨୮) ସେମାନଙ୍କୁ ଅଟକାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲା। ଘଟଣା ସମ୍ପର୍କରେ ସମ୍ପୃକ୍ତ ଯୁବକ ଜାଣିବା ପରେ ଗତ ୫ତାରିଖ ସକାଳେ କାଳିଆ ଘରକୁ ଯାଇ ଏ ନେଇ ପଚାରିଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ରବିବାର ଗାଁ ସ୍କୁଲ ପଟକୁ ଯାଉଥିବାବେଳେ ସମ୍ପୃକ୍ତ ଯୁବକଙ୍କୁ କାଳିଆଙ୍କ ବାପା ବିଜୟ ଏକ ଟାଙ୍ଗିଆରେ ହଠାତ୍ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିବାହ ପୂର୍ବରୁ କାଳିଆ ସମ୍ପୃକ୍ତ ଯୁବକଙ୍କ ଭଉଣୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଦୁଇବର୍ଷ ହେଲା ଭଉଣୀର ବିବାହ ସତ୍ତ୍ୱେ କାଳିଆ ବିଭିନ୍ନ ସମୟରେ ହଇରାଣ କରୁଥିବା ପୀଡିତ ଯୁବକ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ସଦର ଥାନାରେ ଏକ ମାମଲା(ନଂ.୫୯/୧୯) ରୁଜୁ ହୋଇଛି। ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କୁ ଏନେଇ ପଚରାଯିବାରୁ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ସୂଚନା ଦେଇଛନ୍ତି।

ବଲାଙ୍ଗୀରରେ ଯୁବ ସାହିତ୍ୟିକ ସମାବେଶ

# ସାହିତ୍ୟରେ ସମସ୍ତେ ମିତ୍ର

ବଲାଙ୍ଗୀର ଅଫିସ, ୧୭।୩

ବଲାଙ୍ଗୀର ତ୍ରିବେଣୀ ହୋଟେଲଠାରେ ସୃଜନ ସଳିତା ନବନୀତା ପକ୍ଷରୁ ଯୁବ ସାହିତ୍ୟିକ ସମାବେଶ ପଲ୍ଲବନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। ସାରସ୍ୱତ ସାଧକ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଏହି ଯୁବ ସାହିତ୍ୟିକ ସମାବେଶକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥିଭାବେ ଗାଳ୍ପିକ ହାଡିବନ୍ଧୁ ମହାକୁଡ ଏବଂ କବି ତଥା ଚିତ୍ରଶିଳ୍ପୀ କୁଳମଣି ବିଶ୍ୱାଳ ମଧ୍ୟ ଯୋଗଦାନ କରିଥିଲେ। ସାହିତ୍ୟ ଓ ସାହିତ୍ୟିକ ସମସ୍ତଙ୍କ ମିତ୍ର ବୋଲି ବକ୍ତାମାନେ କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ପତ୍ରିକାର ଯୁବ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା ଏବଂ ୧୦ଜଣ ତରୁଣ ଲେଖିକା, ଲେଖକଙ୍କୁ ଶବ୍ଦ ସମ୍ମାନ ଦିଆଯାଇଥିଲା। ସମ୍ପାଦକ କ୍ଷେତ୍ରବାସୀ ନାଏକ ସଭା ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ସମ୍ପାଦକ ମୀନକେତନ ବାରଲେବଡିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ନରେନ୍ଦ୍ର କୁମ୍ଭାର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ପ୍ରକାଶକ ରାଜେଶ ଝାଙ୍କର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ୧୦ଜଣ ତରୁଣ ଗଳ୍ପ ଓ କବିତା ପାଠ କରିଥିଲେ। ଗାଳ୍ପିକା ଅର୍ଚ୍ଚନା, ଅନ୍ତର୍ଯ୍ୟାମୀ ମେହେର, ଆଲୋକ ରଞ୍ଜନ ଷଡଙ୍ଗୀ, ଦେବଯାନୀ ମିଶ୍ର, ପରମା ନାଏକ, ବଳବନ୍ତ ସାହୁ, ବାଲ୍ମିକି କରୁଆଁ, ମିନାକ୍ଷୀ ରାଣୀ ମିଶ୍ର, ରାଜେଶ ପୂଝାରୀ ଏବଂ ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଗଳ୍ପପାଠ କରିଥିଲେ। କବୟିତ୍ରୀ ରଞ୍ଜିତା ପଣ୍ଡା ସଂଯୋଜନା କରିଥିଲେ ଏବଂ ସସ୍ମିତ କୁମାର ସଙ୍ଗୀତ ଦେଇଥିଲେ। ପଠିତ ଗଳ୍ପ କବିତା ଉପରେ ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରିଥିଲେ ବିଶିଷ୍ଟ ଗାଳ୍ପିକା ଚିରଶ୍ରୀ ଇନ୍ଦ୍ରସିଂ ଏବଂ ସଚ୍ଚିଦାନନ୍ଦ ପଧାନ। କବି ମୃତ୍ୟୁଞ୍ଜୟ କୁମାର ଧନ୍ୟବାଦ ଦେଇଥିଲେ। ଅନ୍ତିମ ଅଧିବେଶନରେ ଅତିଥି ଲେଖକ ଭାବେ ଯୋଗ ଦେଇଥିଲେ ବଙ୍ଗଳା ଯୁବକବି ପୃଥ୍ୱୀ ବୋଷ। ସେ ପାଠ କରିଥିବା ବଙ୍ଗଳା କବିତାର ଓଡିଆ ଅନୁବାଦ ପଢିଥିଲେ ଅଧାପିକା ବନ୍ଦନା କର। ବୋଷଙ୍କ ସହ ବାର୍ତ୍ତାଲାପ କରିଥିଲେ ଗାଳ୍ପିକ କ୍ଷେତ୍ରବାସୀ ନାଏକ। ଶେଷରେ ବ୍ୟଙ୍ଗ କବିତା ପରିବେଷଣ କରିଥିଲେ ପଶ୍ଚୁ କବି ସୁଶୀଳ ମିଶ୍ର ଓ ପରିଚାଳନା ସମ୍ପାଦକ ଯୁଜେଷ୍ଟି ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରଞ୍ଜିତ ମିଶ୍ର, କୌତୁକ ପନ୍ଦର, ଜଗନ୍ନାଥ ସାହୁ, ସୁଜିତ ଶତପଥୀ, କାର୍ତ୍ତିକ ସାହୁ ସହଯୋଗ କରିଥିଲେ।



ଅତିଥିମାନେ ସୃଜନ ସଳିତା ନବନୀତାର ଯୁବ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କିର୍ମିରା,୧୭।୩(ଡି.ଏନ୍.ଏ.)** ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅର୍ଡା ତାଲମାଲ ରାସ୍ତାର ସ୍ୱର୍ଗଦ୍ୱାର ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ପ୍ରାୟ ୭୦ ବର୍ଷ ହେବ। ବାଗଡିହି ଫାଣ୍ଡି ଅଧିକାରୀ ସୁରେଶ କୁମାର ଭଇଁଷାଲ ମୃତଦେହ ପଞ୍ଚମାନା କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୂଚନାଯୋଗ୍ୟ, ବୃଦ୍ଧ ଜଣକ ବିରାମଡିହି, ତାଲମାଲ ଏବଂ କଙ୍କରାମୁଣ୍ଡା ଗ୍ରାମରେ ଗତ ୩ରୁ ୪ ଦିନ ହେବ ବୁଲାବୁଲି କରୁଥିଲେ। ତାଙ୍କର ମାନସିକ ବିକୃତି ଥିବା ଲୋକେ କହୁଥିବାବେଳେ ବାର୍ଦ୍ଧକ୍ୟ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ମୃତ୍ୟୁ ହୋଇଥାଇ ପାରେ ବୋଲି ପୋଲିସ କହିଛି।

### ୩୦ରେ ଝାରସୁଗୁଡ଼ା ବାର୍ ନିର୍ବାଚନ
### ସଭାପତି ପଦ ପାଇଁ ଜଣେ ପ୍ରାର୍ଥିପତ୍ର ଦାଖଲ କରିବେ

**ଝାରସୁଗୁଡା ଅଫିସ,୧୭।୩** ଆସନ୍ତା ୩୦ ତାରିଖରେ ଝାରସୁଗୁଡା ବାର ଆସୋସିଏଶନର ନିର୍ବାଚନ ହେବ। ସେଥିପାଇଁ ଅନେକ ଆଶାୟୀ ରହିଛନ୍ତି। ଏପରି ସ୍ଥଳେ ରବିବାର ବାର ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜକୁ ସକରାତ୍ମକ ସନ୍ଦେଶ ଦିଆଯାଇଛି। ସଭାପତି ପଦବୀ ପାଇଁ ଜଣେ ହିଁ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିବାକୁ ନିଷ୍ପତ୍ତି ହୋଇଛି। ବରିଷ୍ଠ ଆଇନଜୀବୀ ଏବଂ ଆଶାୟୀଙ୍କ ମଧରେ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୪ ଜଣ ଆଶାୟୀଙ୍କ ମଧରୁ କେବଳ ଆଇନଜୀବୀ ସନ୍ଦୀପ ଅୱସ୍ତୀ ହିଁ ନାମାଙ୍କନ ଦାଖଲ କରିବେ ବୋଲି ସ୍ଥିର ହୋଇଛି। ବୈଠକରେ ଆଇନଜୀବୀ ରଘୁମଣି ପଟେଲ, ତାପସ ରାୟଚୌଧୁରୀ, ନାରାୟଣ ମହାପାତ୍ର, ବୁଲୁ ସେନାପତି, ଏଲ.ଏନ୍. ଗୁରୁ, ବିପିନ ବିହାରୀ ବରେଇ, ସନ୍ତୋଷ ପାଣ୍ଡେ, ଧମାଲି ପଟେଲ, ବି. ନାଗେଶ୍ୱରୀ, ରାଜୁ ଶ୍ରୀୱାସ, ସତ୍ୟ ନାରାୟଣ ବହିଦାରଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ବାର ନିର୍ବାଚନ ପାଇଁ ୧୮ ତାରିଖ ନାମାଙ୍କନ ଦାଖଲ ହେବ ଏବଂ ମାର୍ଚ୍ଚ ୩୦ ତାରିଖରେ ଭୋଟ୍ ଗ୍ରହଣ ହେବ ବୋଲି ସୂଚନା ମିଳିଛି।

### ଅର୍ଡା ଫଗୁନ ଯାତ୍ରା ଆରମ୍ଭ

**କିର୍ମିରା,୧୭।୩(ଡି.ଏନ୍.ଏ.)** ଝାରସୁଗୁଡ଼ା ଜିଲା ଅର୍ଡା ଗ୍ରାମରେ ଫାଲଗୁନ ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ଚବିଶ ପ୍ରହର ନାମସଂକୀର୍ତ୍ତନ ଓ ଫଗୁନ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ କଳସରେ ଜଳାଶୟରୁ ପବିତ୍ର ଜଳ ନେଇ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ନାମଯଜ୍ଞ ତିନିଦିନ ଚାଲିବା ପରେ ଦହିହାଣ୍ଡି ଭଙ୍ଗା ଏବଂ ଗୁରୁବାର ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।



## ପଶ୍ଚିମ ଓଡ଼ିଶାରୁ ଲଢ଼ିପାରନ୍ତି ନବୀନ
# ଭାଜପାକୁ ରୋକିବାକୁ ଗୋଟିଚାଳନା

**ଝାରସୁଗୁଡ଼ା ଅଫିସ,୧୭।୩**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ଲଢ଼ିପାରନ୍ତି। ରବିବାର ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଅନଙ୍ଗଉଦୟ ସିଂଦେଓଙ୍କ ସମେତ ପଶ୍ଚିମ ଓଡ଼ିଶାର ଲୋକ ପ୍ରତିନିଧି, ଚାଷୀ, କଳାକାର ଏବଂ ବୁଦ୍ଧିଜୀବୀ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଗରୁତ୍ୱର ସହ ଗ୍ରହଣ କରି ଏ ନେଇ ବିଚାର କରିବେ ବୋଲି ଗଣମାଧ୍ମ ଆଗରେ ପ୍ରକାଶ କରିଛନ୍ତି। ଗତ ଚାରିଟି ନିର୍ବାଚନରେ ଦକ୍ଷିଣ ଓଡ଼ିଶାର ହିଞ୍ଜିଳି ଆସନରୁ ପ୍ରାର୍ଥୀ ହେଉଥିବା ନବୀନ ହଠାତ୍ ପଶ୍ଚିମ ଓଡ଼ିଶା ମୁହାଁ ହେବା ରାଜନୀତି ସମୀକ୍ଷକଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଭାଜପାର ଶକ୍ତିବୃଦ୍ଧି ତଥା ପଡ଼ୋଶୀ ଛତିଶଗଡ଼ରେ ଦୀର୍ଘ ୧୫ ବର୍ଷ ପରେ କଂଗ୍ରେସର ପ୍ରତ୍ୟାବର୍ତ୍ତନ ନବୀନଙ୍କୁ ପଶ୍ଚିମ ଓଡ଼ିଶା ମୁହାଁ ହେବାକୁ ବାଧ କରିଥିବା ଆଲୋଚନା ହେଉଛି।

୨୦୧୪ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ ଜିଲା ଅନ୍ତର୍ଗତ ୩୫ ବିଧାନସଭା ଆସନରୁ ଶାସକ ବିଜେଡି ଦଖଲରେ ୨୦, ଭାଜପା ଦଖଲରେ ୮, କଂଗ୍ରେସ ଦଖଲରେ ୫, ସିପିଆଇ ଦଖଲରେ ଗୋଟିଏ ଏବଂ ସମତାକ୍ରାନ୍ତି ଦଳ ଦଖଲରେ ଗୋଟିଏ ଆସନ ରହିଥିଲା। ପରବର୍ତ୍ତୀ ସମୟରେ ବିଜେପୁର ଉପନିର୍ବାଚନରେ କଂଗ୍ରେସ ହାତରୁ ଗୋଟିଏ ଆସନ ଖସି ବିଜେଡ ଦଖଲକୁ ଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ୫ ଲୋକସଭା କ୍ଷେତ୍ରରୁ ୪ ଆସନ ବିଜେଡି ଦଖଲ କରିଥିବା ବେଳେ ଭାଜପା ସୁନ୍ଦରଗଡ଼ ଆସନ ହାତେଇଥିଲା। କିନ୍ତୁ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଏବଂ କଳାହାଣ୍ଡି ଆସନରେ ଭାଜପା ଦ୍ୱିତୀୟ ସ୍ଥାନ ଅଧିକାର କରି ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ସେହିପରି ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ ଜିଲାରୁ କେବଳ ଝାରସୁଗୁଡ଼ା ବ୍ୟତୀତ ଅନ୍ୟ ୯ ଜିଲାରେ ବିଜେଡି ଜିଲା ପରିଷଦ ଗଠନ କରି ଭଲ ସ୍ଥିତିରେ ଥିଲା। ହେଲେ ୨୦୧୭ ପଞ୍ଚାୟତ ନିର୍ବାନରେ ଭାଜପା ପଶ୍ଚିମ ଓଡ଼ିଶାରେ ବିଜେଡିକୁ ବହୁ ପଛରେ ପକାଇ ଦେଇଥିଲା। ଏହି ନିର୍ବାଚନରେ ୧୦ ଜିଲାର ୨୦୯ ଜିଲା ପରିଷଦ ଜୋନ୍‌ରୁ ଭାଜପା ୧୨୬ (୬୦%), ବିଜେଡି ୫୬ (୨୭%), କଂଗ୍ରେସ ମାତ୍ର ୨୨ (୧୧%) ଏବଂ ଅନ୍ୟାନ୍ୟ ଦଳ ୫ (୨%) ଜୋନ୍ ଦଖଲ କରିଥିଲେ। ୨୦୧୨ରେ ଭାଜପା ପଶ୍ଚିମ ଓଡ଼ିଶାର କୌଣସି ଜିଲାରେ ପରିଷଦ ଗଠନ କରିପାରି ନ ଥିବା ବେଳେ ୨୦୧୭ରେ ବଲାଙ୍ଗୀର, ବରଗଡ଼, ଦେବଗଡ଼, କଳାହାଣ୍ଡି, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲା ପରିଷଦ ଦଖଲ କରି ବିଜେଡିକୁ ଗଭୀର ଚିନ୍ତା କରିବାକୁ ବାଧ କରିଥିଲା। ତେବେ ସୁନ୍ଦରଗଡ଼, ନୂଆପଡ଼ା ଓ ବୌଦ୍ଧ ଜିଲାକୁ ବଞ୍ଚାଇବାରେ ବିଜେଡି ସମର୍ଥ ହୋଇଥିଲା। ଅନ୍ୟପକ୍ଷରେ କଂଗ୍ରେସ କେବଳ ନବ ଦାସଙ୍କ ସାଙ୍ଗଠନିକ ଦକ୍ଷତା ପାଇଁ ଝାରସୁଗୁଡ଼ାରେ ଅପରିବର୍ତ୍ତିତ ରହିଥିଲା।

୨୦୧୭ ପଞ୍ଚାୟତ ନିର୍ବାଚନ ଫଳାଫଳ ପଶ୍ଚିମ ଓଡ଼ିଶାରେ ଭାଜପାକୁ ଶକ୍ତି ଯୋଗାଇଥିଲା। ଯାହା ୨୦୧୯ ସାଧାରଣ ନିର୍ବାଚନରେ ଦଳକୁ ସଙ୍ଗଠିତ ଓ ସଦୃଢ଼ କରିବ ବୋଲି କୁହାଯାଉଥିଲା। ଏହାକୁ ପ୍ରତିହତ କରିବା ପାଇଁ ବିଜେଡି ସୁପ୍ରିମୋ ପ୍ରଥମେ ପଶ୍ଚିମ ଓଡ଼ିଶାର ଟାଣୁଆ କଂଗ୍ରେସ ନେତା ନବ କିଶୋର ଦାସଙ୍କୁ ବିଜେଡି କ୍ୟାମ୍ପରେ ସାମିଲ କରିଥିଲେ। ଏବେ ନିଜେ ନବୀନ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେବାକୁ ସଙ୍କେତ ଦେବା ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ବିଜେଡିର ମାଷ୍ଟରଷ୍ଟ୍ରୋକ ବୋଲି ରାଜନୀତି ସମୀକ୍ଷକ ମତ ଦେଇଛନ୍ତି। ଅନ୍ୟପକ୍ଷରେ ପଡ଼ୋଶୀ ଛତିଶଗଡ଼ରେ କଂଗ୍ରେସ ସରକାରକୁ ପ୍ରତ୍ୟାବର୍ତ୍ତନ କରିଛି। ଓଡ଼ିଶା କଂଗ୍ରେସକୁ ବଳ ଯୋଗାଇବାକୁ ଛତିଶଗଡ଼ର ବରିଷ୍ଠ କଂଗ୍ରେସ ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓଙ୍କୁ ଓଡ଼ିଶାର ସାଙ୍ଗଠନିକ ଦାୟିତ୍ୱ ଦିଆଯିବା ବିଜେଡିକୁ ଚିନ୍ତାରେ ପକାଇଥିଲା। ୨୦୧୯ ନିର୍ବାଚନରେ ନବୀନ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେଲେ ବିଜେଡି ଉଭୟ ଭାଜପା ଓ କଂଗ୍ରେସକୁ ଚେକ୍‌ମେଟ୍ ଦେଇପାରିବ ବୋଲି ଚର୍ଚ୍ଚା ହେଉଛି। ନବୀନ ପଶ୍ଚିମ ଓଡ଼ିଶା ମୁହାଁ ହେବା ନେଇ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀଙ୍କୁ ପଚାରିବାରୁ ସେ କହିଲେ, ନବୀନ ଆସନ୍ତୁ। କିନ୍ତୁ ସାଙ୍ଗରେ ପଶ୍ଚିମ ଓଡ଼ିଶା ପାଇଁ ଗତ ୨୦ ବର୍ଷରେ କ'ଣ କରିଛନ୍ତି ତା'ର ରିପୋର୍ଟ କାର୍ଡ ସାଙ୍ଗରେ ଆଣି ଆସନ୍ତୁ। ୨୦ ବର୍ଷ ପୂର୍ବରୁ ପଶ୍ଚିମ ଓଡ଼ିଶାର ବିଜେଡି ନେତାମାନେ ନବୀନଙ୍କୁ ଏହି ଅଞ୍ଚଳରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇ ନ ଥିଲେ କାହିଁକି ବୋଲି ପୂଜାରୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରି ନାହିଁ।

### ବିଷପିଇ ଯୁବତୀଙ୍କ ଆତ୍ମହତ୍ୟା

**ଝାରସୁଗୁଡା ଅଫିସ,୧୭।୩**

ଝାରସୁଗୁଡା ସିରିଆବଗିଚା ମାଳିପଡାରେ ରହୁଥିବା ଜଣେ ଯୁବତୀ ରବିବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ ପିଙ୍କି କିଶାନ (୨୦)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏ ବାବଦରେ ଟାରସୁଗୁଡା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଏୟାରପୋର୍ଟରେ କାମ କରୁଥିବା ଗଣେଶ ବାଗ୍‌ଙ୍କ ସହ ପିଙ୍କିଙ୍କ ପ୍ରେମ ସମ୍ପର୍କ ହୋଇଥିଲା। ପିଙ୍କି ଘର ଛାଡି ମାଳିପଡାରେ ଗଣେଶଙ୍କ ସହ ରହୁଥିଲେ। ପାରିବାରିକ କଳହ କାରଣରୁ ପିଙ୍କି ରବିବାର ବିଷପିଇ ରାସ୍ତାରେ ପଡିଥିବା ବେଳେ ଲୋକମାନେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ଦିନ ତାଙ୍କ ସ୍ୱାମୀ ଗଣେଶ ଘରେ ନ ଥିବା ପୋଲିସ କହିଛି।

# ସିପିଆଇକୁ ସିଟ୍ ଦେଲେ ଦଳତ୍ୟାଗ, ଭୋଟ ବର୍ଜନ

**ବ୍ରଜରାଜନଗର,୧୭।୩(ଡି.ଏନ୍.ଏ.)**

ବ୍ରଜରାଜନଗର କଂଗ୍ରେସ କାର୍ଯ୍ୟାଳୟ ପରିସରରେ ରବିବାର ସନ୍ଧ୍ୟାରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଟାଉନ ସଭାପତି ପ୍ରମୋଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରଜରାଜନଗର ମ୍ୟୁନିସିପାଲିଟି, ବେଲପାହାଡ଼, ଲଖନପୁର, ବନ୍ଧବାହଲ ଧର୍ମାଲ ଏବଂ ୧୯ ଖଣ୍ଡ ମୌଜାର ଜଣାଶୁଣା କଂଗ୍ରେସ କର୍ମକର୍ତ୍ତାମାନେ ନିଜ ମତ ରଖିଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସ ଏଠାରୁ ୩୮,୯୦୦ ଭୋଟ ପାଇଥିବା ବେଳେ ସିପିଆଇ ମାତ୍ର ୬୬୦୦ ଭୋଟ ପାଇଥିଲା। ତେଣୁ ଏତେ ସଂଖ୍ୟକ କଂଗ୍ରେସ ଭୋଟକୁ କେବେ ହେଲେ କୌଣସି ପ୍ରକାରେ ସିପିଆଇକୁ ଦିଆଯାଇ ପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଘର ଘର ବୁଲି ଦଳକୁ ସଂଗଠିତ କରାଯାଇଛି। ବର୍ତ୍ତମାନ ଦଳ ଉପରେ ଭରସା କରି ଅନ୍ୟ ଦଳରୁ ଲୋକମାନେ କଂଗ୍ରେସକୁ ଆସୁଥିବାବେଳେ ଦଳର ହାଇକମାଣ୍ଡ ବ୍ରଜରାଜନଗର ପାଇଁ ଯେଉଁ ନିଷ୍ପତ୍ତି ନେବାକୁ ଯାଉଛନ୍ତି ତା'ର ପୁନର୍ବିଚାର କରନ୍ତୁ ବୋଲି ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଏଠାରେ କଂଗ୍ରେସ ଶୂନ ହୋଇଯିବ ବୋଲି ବରିଷ୍ଠ ନେତା ଜ୍ୟୋତିନ୍ଦ୍ର ମିଶ୍ର ପ୍ରକାଶ କରିଥିଲେ। ଦଳ ପକ୍ଷରୁ କିଶୋର ପଟେଲଙ୍କୁ ପ୍ରାର୍ଥୀ କରାଯାଉ ନଚେତ୍ ଦଳୀୟ ଚିହ୍ନରେ ଯାହାକୁ ପ୍ରାର୍ଥୀ କରାଯିବ ତାଙ୍କୁ ସମର୍ଥନ କରି ଜିତାଇବୁ ବୋଲି ପ୍ରକାଶ କରିଥିଲେ। ଦଳୀୟ ନେତୃତ୍ୱ ଭୁବନେଶ୍ୱର କିମ୍ବା ଦିଲ୍ଲୀରେ ବସି ନିଷ୍ପତ୍ତି ନେବା ପରିବର୍ତ୍ତେ ବ୍ରଜରାଜନଗର ଆସି ତଥ୍ୟ ସଂଗ୍ରହ କରିବା ପରେ ନିଷ୍ପତ୍ତି ନେବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବୁଲୁ ପଣ୍ଡା, ଶାଶ୍ୱତ ତ୍ରିପାଠୀ, ସଞ୍ଜୟ ସିଂ, ବବଲୁ ଆଚାର୍ଯ୍ୟ, ଗୋପାଳ ପୁରୋହିତ, ସୁନୀଲ ଦାଶ, ଗୁଡ୍ଡୁ ଦାଶ, କାଜଲ ଘୋଷ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ବ୍ରଜରାଜନଗର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ଏହାର ସହଯୋଗୀ ଦଳ ସିପିଆଇ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ହେଉଛି।

## ଭିକମପାଲିରେ ଭାଜପା ଯୁବମୋର୍ଚ୍ଚାର ମିଶ୍ରଣପର୍ବ
# ୫ ଶହ ଯୁବକଙ୍କ ଯୋଗଦାନ



ବିଧାୟିକା ରାଧାରାଣୀ ପଣ୍ଡା ଯୁବକମାନଙ୍କୁ ଦଳରେ ସ୍ୱାଗତ କରୁଛନ୍ତି।

**ଲଖନପୁର,୧୭।୩(ଡି.ଏନ.ଏ.)** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଭିକମାପାଲି ଖେଳପଡିଆରେ ରବିବାର ଯୁବମୋର୍ଚ୍ଚା ପଞ୍ଚଗାଁ ମଣ୍ଡଳ ତରଫରୁ ଏକ ଯୁବ ସମାବେଶ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟିକା ରାଧାରାଣୀ ପଣ୍ଡା, ସୁଧାଂଶୁ ପୁରୋହିତ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଶ୍ୱଜିତ ଷଡଙ୍ଗୀ, ନବୀନ ବିଶ୍ୱାଳ, ମଳୟ ଆଚାର୍ଯ୍ୟ, ସୁଦାମ ପ୍ରଧାନ, ଖୁସିରାମ ପ୍ରଧାନ, ବିଉଟି ଶ୍ରୀବାସ୍ତବ, ଶୁକୁମାର ପୁରୋହିତ, ଭୀଷ୍ମଦେବ ସାହୁ, ନିମାଇଁ ସାହୁ, ପ୍ରୀତିମୟୀ ଧୁରୁଆ, ନିଳାମ୍ବର ଡନସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଡା. ଗିରିଶ ରାଉତ ମଞ୍ଚ ପରିଚାଳନା କରିଥିଲେ । ଯୁବମୋର୍ଚ୍ଚା ପଞ୍ଚଗାଁ ମଣ୍ଡଳ ସଭାପତି କୁନ୍ଦନ ସିଂହଦେଓ ଯୁବ ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ବାଚନ ତାରିଖ ଘୋଷଣା ହେବା ପରେ ଜିଲାରେ ଦେଖାଦେଇଛି ନିର୍ବାଚନୀ ଉଷ୍ମତା । ଏଭଳି ସ୍ଥିତିରେ ଭାଜପାର ଯୁବ ସମାବେଶ ଏହା ଦଳୀୟ ପ୍ରଚାର ବୋଲି କୁହାଯାଉଛି । ଏହାକୁ ଦୃଷ୍ଟିରେ ରଖି ବିଧାୟିକା ପଣ୍ଡା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ଭାଜପା ସରକାରଙ୍କ ବିଭିନ୍ନ ଯୋଜନା ଉପରେ କହିଥିଲେ । ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଜେଡି ସରକାର କାଳିଆ ଯୋଜନାକୁ ନେଇ ଲୋକଙ୍କୁ ଭୂଆଁଭୁଲାଉଛନ୍ତି। ଲୋକେ ଚଳିତ ନିର୍ବାଚନରେ ବିଜେଡିକୁ ଉଚିତ ଜବାବଦେବେ । ଚଳିତ ନିର୍ବାଚନର ଫଳାଫଳ ଭାଜପା ସପକ୍ଷେରେ ଯିବ ବୋଲି ବିଧାୟିକା ପଣ୍ଡା କହିଛନ୍ତି । ତାଙ୍କ ୫ବର୍ଷ କାର୍ଯ୍ୟକାଳରେ ସେ ଅଞ୍ଚଳର ଅନେକ ଉନ୍ନୟନ କାମ କରିଛନ୍ତି ବୋଲି କହିଛନ୍ତି । ଅଧୁରା ରହିଥିବା ଉନ୍ନୟନ କାମକୁ ସେ ସମ୍ପୂର୍ଣ୍ଣ କରିବେ । ଏଥିପାଇଁ ତାଙ୍କୁ ନିର୍ବାଚନ ମଣ୍ଡଳୀବାସୀ ଆଉ ଥରେ ନିଜର ମତସାବ୍ୟସ୍ତ କରି ଜିତାଇବା ପାଇଁ ସେ ଅନୁରୋଧ କରିଛନ୍ତି । ମିଶ୍ରଣପର୍ବରେ ଲଖନପୁର ବ୍ଲକ୍ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ ଯୁବକ ବିଭିନ୍ନ ଦଳରୁ ଆସି ଭାଜପାରେ ସାମିଲି ହୋଇଛନ୍ତି। ଏଥିମଧ୍ୟରେ ମନୋଜ ସା, ରୂପଧର ସିଦାର, ବୀରେନ୍ଦ୍ର ଭଇଁସାଲ, ପ୍ରତାପ ସାହୁ, ଶଶି ଭୂଷଣ ପ୍ରଧାନ, ଚିନ୍ତାମଣୀ ବେହେରା, ଗୁଲାପ ସା ପ୍ରମୁଖ ରହିଛନ୍ତି। କେନ୍ଦ୍ରରେ ମୋଦି ସରକାର ଓ ସ୍ଥାନୀୟ ବିଧାୟିକାଙ୍କ କାର୍ଯ୍ୟ ଶୈଳୀରେ ଆକୃଷ୍ଟ ହୋଇ ଭାଜପାରେ ସାମିଲ ହୋଇଥିବା ଯୋଗଦେଇଥିବା ଯୁବକମାନେ କହିଛନ୍ତି ।

## ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳରେ ଅସଙ୍ଗତି
# ମହିଳା କଲେଜ ଛାତ୍ରୀଙ୍କ ପ୍ରତିବାଦ

**ଝାରସୁଗୁଡ଼ା ଅଫିସ,୧୭।୩**

ସମ୍ବଲପୁର ବିଶ୍ୱାବିଦ୍ୟାଳୟ ଅଧୀନ କଲେଜ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳରେ ଅସଙ୍ଗତି ରହିଥିବା ଅଭିଯୋଗ ହୋଇଛି। ଝାରସୁଗୁଡ଼ା ମହିଳା କଲେଜ ଯୁକ୍ତ୩ ଶେଷବର୍ଷ ଛାତ୍ରୀ ଏହି ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂତନ ନିୟମାବଳୀ ଯୋଗୁ ଏହି ପରୀକ୍ଷାଫଳ ଏବଂ ପ୍ରମାଣପତ୍ରରେ ଏହି ଅସଙ୍ଗତି ରହିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ୟା କାରଣରୁ ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ନାମଲେଖା ବେଳେ ଅସୁବିଧା ସୃଷ୍ଟିହେବ ବୋଲି କହିଛନ୍ତି। ଅଭିଯୋଗ ମୁତାବକ, ମହିଳା କଲେଜ ଛାତ୍ରମାନେ ଯୁକ୍ତ୩ ପ୍ରଥମ ସେମିଷ୍ଟର ପ୍ରତ୍ୟେକ ବିଷୟରେ ୫୦ ମାର୍କ ଲେଖାଏଁ ଥିଓରି ଓ ପ୍ରାକ୍ଟିକାଲ (ଇଣ୍ଟରନାଲ) ପରୀକ୍ଷା ଦେଇଥିଲେ। ତଦନୁସାରେ ଗତ କିଛିମାସ ପୂର୍ବରୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ହେଲେ ୟୁଜିସି ନିୟମାବଳୀ ଅନିବାର୍ଯ୍ୟ ଯୋଗୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶିତ ପରୀକ୍ଷାଫଳରେ ଆନୁପାତିକ ସଂଶୋଧନ କରି ପୁଣିଥରେ ମାର୍କଶିଟ୍ ଜାରି କରିଥିଲେ। ଏହାଦ୍ୱାରା କେତେଜଣ ଛାତ୍ରୀଙ୍କ ମାର୍କ ହ୍ରାସ ପାଇଥିବାବେଳେ ଆଉ କେତେଜଣ ଫେଲ ବଦଳରେ କୃତକାର୍ଯ୍ୟ ହୋଇଥିଲେ। ନୂତନ ନୀୟମାବଳୀ ମୁତାବକ ୫୦% ଲେଖାଏଁ ଥିଓରି ଓ ପ୍ରାକ୍ଟିକାଲ ପରିବର୍ତ୍ତେ ୮୦% ଏବଂ ୨୦% କରିଥିଲେ। ଏହି କାରଣରୁ ଛାତ୍ରୀମାନଙ୍କ ମାର୍କ ଆନୁପାତିକ ସଂଶୋଧନ ହୋଇ ହ୍ରାସ ପାଇଛି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ଛାତ୍ରୀମାନେ ରବିବାର କଲେଜ ସାମ୍ନାରେ ପ୍ରତିବାଦ କରିଥିବା ବେଳେ ସୋମବାର ଝାରସୁଗୁଡ଼ା ଜିଲାପାଳଙ୍କୁ ଭେଟି ଏ ବିଷୟରେ ଅବଗତ କରିବେ ବୋଲି କହିଛନ୍ତି।



କଲେଜ ସମ୍ମୁଖରେ ଛାତ୍ରୀମାନେ ପ୍ରତିବାଦ କରୁଛନ୍ତି।

# ମହିମା ଆଶ୍ରମରେ ବିଶ୍ୱ କଲ୍ୟାଣ ଯଜ୍ଞ

**ବେଲପାହାଡ଼,୧୭।୩(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ତେନ୍ତୁଲିଆବାହାଲ ମହିମା ଆଶ୍ରମରେ ଫାଲଗୁନ ଶୁକ୍ଳପକ୍ଷ ଦଶମୀ ତିଥିରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଆଶ୍ରମ ପରିସରରେ ଅଲେଖ ମହିମା ଧର୍ମାବଲାମ୍ବୀ ବହୁ ସାଧୁସନ୍ଥ ସମ୍ମିଳିତ ହୋଇଥିଲେ। ଯଜ୍ଞ ମଣ୍ଡପରେ ବ୍ରହ୍ମଧୂନୀ ସ୍ଥାପନ କରାଯିବା ସହ ଅଖଣ୍ଡ ବତି ପ୍ରଜ୍ୱଳନ କରିଥିଲେ। ପରେ ସାଧୁସନ୍ଥମାନେ ବିଶ୍ୱ କଲ୍ୟାଣ ପାଇଁ ଅଲେଖ ବ୍ରହ୍ମଙ୍କ ନାମରେ ଯଜ୍ଞକୁଣ୍ଡରେ ଘୃତାହୁତି ପ୍ରଦାନ କରିବା ସହ ଅଲେଖ ମହିମାଙ୍କ ଉଦ୍ଦେଶ୍ୟରେ ନାମଭଜନ ପରିବେଷଣ କରିଥିଲେ। ରବିବାର ପ୍ରାତଃ ସମୟରେ ଯଜ୍ଞ ସମାପିତ ହେବାପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଆଶ୍ରମ ମୁଖ୍ୟ ଶ୍ରୀମଦ୍ ଶଙ୍କର ବାବା, ଘନଶ୍ୟାମ ବାବା, କ୍ଷେତ୍ରବାସୀ ବାବା, କ୍ଷୀରଧର ବାବା, ବିଶ୍ୱେଶ୍ୱର ବାବା, ଇମାନିଶ୍ୱର ବାବା ଓ ବନମାଳୀ ବାବା ପୁରୋଧା ଭାବରେ ଯଜ୍ଞ ପରିଚାଳନା କରିଥିଲେ। ଉତ୍ସବ କମିଟି ସଦସ୍ୟ ଘନଶ୍ୟାମ ପ୍ରଧାନ, ସଞ୍ଜୟ ପ୍ରଧାନ, ରାଜେଶ ଭୋଇ, ଚନ୍ଦ୍ର ପ୍ରଧାନ, ଅଶୋକ ସାହୁ, ଗୌରାଙ୍ଗ ନାଥ, ଖତୁ ବୁଧିଆ, ପଞ୍ଚାନନ ଭୋଇ, ସଞ୍ଜୟ ସାହୁ, ଜନେକରାମ ଭଇଁଷାଲ, ପବିତ୍ର ପ୍ରଧାନ ଓ ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମହିମା ଆଶ୍ରମରେ ଆୟୋଜିତ ବିଶ୍ୱ କଲ୍ୟାଣ ଯଜ୍ଞରେ ସାଧୁସନ୍ଥ ଅଲେଖ ମହିମାଙ୍କ ନାମ ଉଚ୍ଚାରଣ କରୁଛନ୍ତି।





ଝରଝରାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଳାକାରଙ୍କ ନୃତ୍ୟ ପରିବେଷଣ।

## ରାଜଗାଙ୍ଗପୁର ମହୋତ୍ସବ ଝରଝରାର ତୃତୀୟ ସନ୍ଧ୍ୟା
# ସମ୍ବଲପୁରୀ, ଛଉନୃତ୍ୟ ତାଳେତାଳେ ଝୁମିଲେ ଦର୍ଶକ

**ରାଜଗାଙ୍ଗପୁର, ୧୭।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଚାଲିଥିବା କଳା ଓ ସାଂସ୍କୃତିକ ପର୍ବ ଝରଝରାର ତୃତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧିରଖିଥିଲା। ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହି ନେଇଥିଲା। ଦର୍ଶକ ସମ୍ବଲପୁରୀ ନୃତ୍ୟର ତାଳେତାଳେ ଝୁମି ଉଠିଥିଲେ। ତୃତୀୟ ସନ୍ଧ୍ୟାରେ ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଇଡି ସୁନୀଲ କୁମାର ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଝରଝରା ଉତ୍ସବ ବିଲୁପ୍ତ ପ୍ରାୟ କଳା ସଂସ୍କୃତିକୁ ବଞ୍ଚାଇବା ଦିଗରେ କାର୍ଯ୍ୟ କରୁଛି। ଅଞ୍ଚଳର କଳାକାରଙ୍କୁ ଉତ୍ସାହ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଏହା ଛଡା ଝରଝରା ଉତ୍ସବ ରାଜଗାଙ୍ଗପୁର ସହରବାସୀଙ୍କୁ ଏକ ସ୍ମୃତିରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ତୁଲାଉଥିବା କହିଥିଲେ। ଅନୀଲ ସେହଗେଲ ସଭାପତି, ଓଆଇଏସଏଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଝରଝରା ଉତ୍ସବ ସହରବାସୀଙ୍କୁ ତଥା ସମଗ୍ର ଜିଲାରେ ଭାଇଚାରା ସୃଷ୍ଟି କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ଅନୁକୂଳ ପାଗ ସତ୍ତ୍ୱେ ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଉତ୍ସବରେ ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ, କଲିକତାର ନୁପୂର ଡ୍ୟାନ୍ସ ଗ୍ରୁପର ମହାରାଷ୍ଟ୍ର ଲାୱାନୀ ନୃତ୍ୟ, ଶ୍ରୀ ଜଗନ୍ନାଥ କଳାପରିଷଦ ରାଉରକେଲାର ଦୁର୍ଗା ତାଣ୍ଡବ, ପଶ୍ଚିମବଙ୍ଗ ପୁରୁଲିଆର ଛଉ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ଉତ୍ସବରେ କମିଟିର ସମସ୍ତେ ଉପସ୍ଥିତ ଥିବାବେଳେ ରାଜଗାଙ୍ଗପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



❝ ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।

- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କିର୍ମିରା,୧୭।୩(ଡି.ଏନ୍.ଏ.)**
ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅର୍ଡା ତାଲମାଲ ରାସ୍ତାର ସ୍ୱର୍ଗଦ୍ୱାର ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ପ୍ରାୟ ୭୦ ବର୍ଷ ହେବ। ବାଗଡିହି ଫାଣ୍ଡି ଅଧିକାରୀ ସୁରେଶ କୁମାର ଭଇଁଷାଲ ମୃତଦେହ ପଞ୍ଚମାନା କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୂଚନାଯୋଗ୍ୟ, ବୃଦ୍ଧ ଜଣକ ବିରାମଡିହି, ତାଲମାଲ ଏବଂ କଙ୍କରାମୁଣ୍ଡା ଗ୍ରାମରେ ଗତ ୩ରୁ ୪ ଦିନ ହେବ ବୁଲାବୁଲି କରୁଥିଲେ। ତାଙ୍କର ମାନସିକ ବିକୃତି ଥିବା ଲୋକେ କହୁଥିବାବେଳେ ବାର୍ଦ୍ଧକ୍ୟ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ମୃତ୍ୟୁ ହୋଇଥାଇ ପାରେ ବୋଲି ପୋଲିସ କହିଛି।

### ଅର୍ଡା ଫଗୁନ ଯାତ୍ରା ଆରମ୍ଭ

**କିର୍ମିରା,୧୭।୩(ଡି.ଏନ୍.ଏ.)**
ଝାରସୁଗୁଡ଼ା ଜିଲା ଅର୍ଡା ଗ୍ରାମରେ ଫାଲଗୁନ ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ଚବିଶ ପ୍ରହର ନାମସଂକୀର୍ତ୍ତନ ଓ ଫଗୁନ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ କଳସରେ ଜଳାଶୟରୁ ପବିତ୍ର ଜଳ ନେଇ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ନାମଯଜ୍ଞ ତିନିଦିନ ଚାଲିବା ପରେ ଦହିହାଣ୍ଡି ଭଙ୍ଗା ଏବଂ ଗୁରୁବାର ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ମନମୁଣ୍ଡା, ୧୭।୩ (ଡି.ଏନ.ଏ)-**
ନିମ୍ନମାନର କାମ ହେଉଥିବା ଅଭିଯୋଗ କରି ମନମୁଣ୍ଡା- ଖୁଣ୍ଟିଗୋରା ୪୧ ନମ୍ବର ରାଜ୍ୟ ରାଜପଥ ମାଝିପଡା ଛକଠାରୁ ଗ୍ରାମ୍ୟ ରାସ୍ତା ୩୦ ମିଟର କାମକୁ ଗ୍ରାମବାସୀ ରବିବାର ବନ୍ଦ କରିଦେଇଛନ୍ତି। ଏନେଇ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସୂର୍ଯ୍ୟ ମହାକୁଡ, ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ଭାଜପା ନେତା ପ୍ରେମଦାର ଶାହାଙ୍କ ସମେତ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ପଶ୍ଚିମ ଓଡ଼ିଶାରୁ ଲଢ଼ିପାରନ୍ତି ନବୀନ

# ଭାଜପାକୁ ରୋକିବାକୁ ଗୋଟିଚାଳନା

**ଝାରସୁଗୁଡ଼ା ଅଫିସ,୧୭।୩**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ଲଢ଼ିପାରନ୍ତି। ରବିବାର ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଅନଙ୍ଗଉଦୟ ସିଂଦେଓଙ୍କ ସମେତ ପଶ୍ଚିମ ଓଡ଼ିଶାର ଲୋକ ପ୍ରତିନିଧି, ଚାଷୀ, କଳାକାର ଏବଂ ବୁଦ୍ଧିଜୀବୀ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଗରୁତ୍ୱର ସହ ଗ୍ରହଣ କରି ଏ ନେଇ ବିଚାର କରିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଗତ ଚାରିଟି ନିର୍ବାଚନରେ ଦକ୍ଷିଣ ଓଡ଼ିଶାର ହିଞ୍ଜିଳି ଆସନରୁ ପ୍ରାର୍ଥୀ ହେଉଥିବା ନବୀନ ହଠାତ୍ ପଶ୍ଚିମ ଓଡ଼ିଶା ମୁହାଁ ହେବା ରାଜନୀତି ସମୀକ୍ଷକଙ୍କୁ ଚର୍ଚ୍ଚାର ଖୋରାକ ଯୋଗାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଭାଜପାର ଶକ୍ତିବୃଦ୍ଧି ତଥା ପଡ଼ୋଶୀ ଛତିଶଗଡ଼ରେ ଦୀର୍ଘ ୧୫ ବର୍ଷ ପରେ କଂଗ୍ରେସର ପ୍ରତ୍ୟାବର୍ତ୍ତନ ନବୀନଙ୍କୁ ପଶ୍ଚିମ ଓଡ଼ିଶା ମୁହାଁ ହେବାକୁ ବାଧ୍ୟ କରିଥିବା ଆଲୋଚନା ହେଉଛି। ୨୦୧୪ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ ଜିଲା ଅନ୍ତର୍ଗତ ୩୫ ବିଧାନସଭା ଆସନରୁ ଶାସକ ବିଜେଡି ଦଖଲରେ ୨୦, ଭାଜପା ଦଖଲରେ ୮, କଂଗ୍ରେସ ଦଖଲରେ ୫, ସିପିଆଇ ଦଖଲରେ ଗୋଟିଏ ଏବଂ ସମତାକ୍ରାନ୍ତି ଦଳ ଦଖଲରେ ଗୋଟିଏ ଆସନ ରହିଥିଲା। ପରବର୍ତ୍ତୀ ସମୟରେ ବିଜେପୁର ଉପନିର୍ବାଚନରେ କଂଗ୍ରେସ ହାତରୁ ଗୋଟିଏ ଆସନ ଖସି ବିଜେଡ ଦଖଲକୁ ଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ୫ ଲୋକସଭା କ୍ଷେତ୍ରରୁ ୪ ଆସନ ବିଜେଡି ଦଖଲ କରିଥିବା ବେଳେ ଭାଜପା ସୁନ୍ଦରଗଡ଼ ଆସନ ହାତେଇଥିଲା। କିନ୍ତୁ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଏବଂ କଳାହାଣ୍ଡି ଆସନରେ ଭାଜପା ଦ୍ୱିତୀୟ ସ୍ଥାନ ଅଧିକାର କରି ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ସେହିପରି ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ୧୦ ଜିଲାରୁ କେବଳ ଝାରସୁଗୁଡ଼ା ବ୍ୟତୀତ ଅନ୍ୟ ୯ ଜିଲାରେ ବିଜେଡି ଜିଲା ପରିଷଦ ଗଠନ କରି ଭଲ ସ୍ଥିତିରେ ଥିଲା। ହେଲେ ୨୦୧୭ ପଞ୍ଚାୟତ ନିର୍ବାନରେ ଭାଜପା ପଶ୍ଚିମ ଓଡ଼ିଶାରେ ବିଜେଡିକୁ ବହୁ ପଛରେ ପକାଇ ଦେଇଥିଲା। ଏହି ନିର୍ବାଚନରେ ୧୦ ଜିଲାର ୨୦୯ ଜିଲା ପରିଷଦ ଜୋନ୍‌ରୁ ଭାଜପା ୧୨୬ (୬୦%), ବିଜେଡି ୫୬ (୨୭%), କଂଗ୍ରେସ ମାତ୍ର ୨୨ (୧୧%) ଏବଂ ଅନ୍ୟାନ୍ୟ ଦଳ ୫ (୨%) ଜୋନ୍ ଦଖଲ କରିଥିଲେ। ୨୦୧୨ରେ ଭାଜପା ପଶ୍ଚିମ ଓଡ଼ିଶାର କୌଣସି ଜିଲାରେ ପରିଷଦ ଗଠନ କରିପାରି ନ ଥିବା ବେଳେ ୨୦୧୭ରେ ବଲାଙ୍ଗୀର, ବରଗଡ଼, ଦେବଗଡ଼, କଳାହାଣ୍ଡି, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲା ପରିଷଦ ଦଖଲ କରି ବିଜେଡିକୁ ଗଭୀର ଚିନ୍ତା କରିବାକୁ ବାଧ୍ୟ କରିଥିଲା। ତେବେ ସୁନ୍ଦରଗଡ଼, ନୂଆପଡ଼ା ଓ ବୌଦ୍ଧ ଜିଲାକୁ ବଞ୍ଚାଇବାରେ ବିଜେଡି ସମର୍ଥ ହୋଇଥିଲା। ଅନ୍ୟପକ୍ଷରେ କଂଗ୍ରେସ କେବଳ ନବ ଦାସଙ୍କ ସାଙ୍ଗଠନିକ ଦକ୍ଷତା ପାଇଁ ଝାରସୁଗୁଡ଼ାରେ ଅପରିବର୍ତ୍ତିତ ରହିଥିଲା।

୨୦୧୭ ପଞ୍ଚାୟତ ନିର୍ବାଚନ ଫଳାଫଳ ପଶ୍ଚିମ ଓଡ଼ିଶାରେ ଭାଜପାକୁ ଶକ୍ତି ଯୋଗାଇଥିଲା। ଯାହା ୨୦୧୯ ସାଧାରଣ ନିର୍ବାଚନରେ ଦଳକୁ ସଙ୍ଗଠିତ ଓ ସଦୃଢ଼ କରିବ ବୋଲି କୁହାଯାଉଥିଲା। ଏହାକୁ ପ୍ରତିହତ କରିବା ପାଇଁ ବିଜେଡି ସୁପ୍ରିମୋ ପ୍ରଥମେ ପଶ୍ଚିମ ଓଡ଼ିଶାର ଟାଣୁଆ କଂଗ୍ରେସ ନେତା ନବ କିଶୋର ଦାସଙ୍କୁ ବିଜେଡି କ୍ୟାମ୍ପରେ ସାମିଲ କରିଥିଲେ। ଏବେ ନିଜେ ନବୀନ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେବାକୁ ସଙ୍କେତ ଦେବା ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ବିଜେଡିର ମାଷ୍ଟରଷ୍ଟ୍ରୋକ ବୋଲି ରାଜନୀତି ସମୀକ୍ଷକ ମତ ଦେଇଛନ୍ତି। ଅନ୍ୟପକ୍ଷରେ ପଡ଼ୋଶୀ ଛତିଶଗଡ଼ରେ କଂଗ୍ରେସ ସରକାରକୁ ପ୍ରତ୍ୟାବର୍ତ୍ତନ କରିଛି। ଓଡ଼ିଶା କଂଗ୍ରେସକୁ ବଳ ଯୋଗାଇବାକୁ ଛତିଶଗଡ଼ର ବରିଷ୍ଠ କଂଗ୍ରେସ ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓଙ୍କୁ ଓଡ଼ିଶାର ସାଙ୍ଗଠନିକ ଦାୟିତ୍ୱ ଦିଆଯିବା ବିଜେଡିକୁ ଚିନ୍ତାରେ ପକାଇଥିଲା। ୨୦୧୯ ନିର୍ବାଚନରେ ନବୀନ ପଶ୍ଚିମ ଓଡ଼ିଶାରୁ ପ୍ରାର୍ଥୀ ହେଲେ ବିଜେଡି ଉଭୟ ଭାଜପା ଓ କଂଗ୍ରେସକୁ ଚେକ୍‌ମେଟ୍ ଦେଇପାରିବ ବୋଲି ଚର୍ଚ୍ଚା ହେଉଛି। ନବୀନ ପଶ୍ଚିମ ଓଡ଼ିଶା ମୁହାଁ ହେବା ନେଇ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀଙ୍କୁ ପଚାରିବାରୁ ସେ କହିଲେ, ନବୀନ ଆସନ୍ତୁ। କିନ୍ତୁ ସାଙ୍ଗରେ ପଶ୍ଚିମ ଓଡ଼ିଶା ପାଇଁ ଗତ ୨୦ ବର୍ଷରେ କ'ଣ କରିଛନ୍ତି ତା'ର ରିପୋର୍ଟ କାର୍ଡ ସାଙ୍ଗରେ ଆଣି ଆସନ୍ତୁ। ୨୦ ବର୍ଷ ପୂର୍ବରୁ ପଶ୍ଚିମ ଓଡ଼ିଶାର ବିଜେଡି ନେତାମାନେ ନବୀନଙ୍କୁ ଏହି ଅଞ୍ଚଳରୁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇ ନ ଥିଲେ କାହିଁକି ବୋଲି ପୂଜାରୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରି ନାହିଁ।

### ବିଷପିଇ ଯୁବତୀଙ୍କ ଆତ୍ମହତ୍ୟା

**ଝାରସୁଗୁଡା ଅଫିସ,୧୭।୩**

ଝାରସୁଗୁଡା ସିରିଆବଗିଚା ମାଳିପଡାରେ ରହୁଥିବା ଜଣେ ଯୁବତୀ ରବିବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଜଣକ ହେଲେ ପିଙ୍କି କିଶାନ (୨୦)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏ ବାବଦରେ ଟାରସୁଗୁଡା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଏୟାରପୋର୍ଟରେ କାମ କରୁଥିବା ଗଣେଶ ବାଗ୍‌ଙ୍କ ସହ ପିଙ୍କିଙ୍କ ପ୍ରେମ ସମ୍ପର୍କ ହୋଇଥିଲା। ପିଙ୍କି ଘର ଛାଡି ମାଳିପଡାରେ ଗଣେଶଙ୍କ ସହ ରହୁଥିଲେ। ପାରିବାରିକ କଳହ କାରଣରୁ ପିଙ୍କି ରବିବାର ବିଷପିଇ ରାସ୍ତାରେ ପଡିଥିବା ବେଳେ ଲୋକମାନେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣା ଦିନ ତାଙ୍କ ସ୍ୱାମୀ ଗଣେଶ ଘରେ ନ ଥିବା ପୋଲିସ କହିଛି।

## ଚାଳକଙ୍କ ବେପରୁଆ ଗାଡିଚାଳନା

# ଟିପ୍ପର ଚଢ଼ି ତିନି ବାଇକ ନଷ୍ଟ: ଉତ୍ତେଜନା

**ଲହୁଣୀପଡା, ୧୭।୩ (ଡି.ଏନ.ଏ)**



ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସୁନ୍ଦରଗଡ ଜିଲା ଲହୁଣୀପଡା ମୁଖ୍ୟ ବଜାରରେ ରବିବାର ଟିପ୍ପର ଚାଳକଙ୍କ ବେପରୁଆ ଗାଡି ଚାଳନା ଦେଖିବାକୁ ମିଳିଥିଲା। ଟିପ୍ପର ତିନୋଟି ବାଇକକୁ ଧକ୍କା ଦେଇଥିବାବେଳେ ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାବେଳେ ଓଡି ୧୪ଡି- ୧୯୦୮ ଟିପ୍ପର ରାଜାମୁଣ୍ଡା ପଟୁ ଲହୁଣୀପଡାକୁ ଯାଉଥିଲା। ଚାଳକ ଆଶିଷ ମୁଣ୍ଡାଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଦ୍ରୁତଗତିରେ ଯାଇ ଦୋକାନ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ତିନୋଟି ବାଇକ୍ ଉପରେ ଚଢ଼ି ଯାଇଥିଲା। ସେଠାରେ ଥିବା ଲୋକମାନେ ଦୌଡି ପଳାଇଥିଲେ। ଫଳରେ ଓଆର୍ ୧୪ଏମ- ୯୧୬୮, ଓଡି ୧୪ ଏ- ୫୬୩୦, ଓଆର୍ ୧୪ ୱାଇ- ୩୧୬୭ ବାଇକ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଥିଲା। ଏକ ବିଦ୍ୟୁତ ଖୁଣ୍ଟକୁ ମଧ୍ୟ ଧକ୍କା ଦେଇଥିଲା। ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଏହି ଦୁର୍ଘଟଣା ପ୍ରତିବାଦରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାଘାତ ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ବିଫଳ ହୋଇଥିଲେ। ଉଭୟ ପକ୍ଷକୁ ଡାକି ଥାନାରେ ଆଲୋଚନା କରାଯିବ। ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ରବିବାର ସାପ୍ତାହିକ ହାଟଥିବାବେଳେ ଜନଗହଳି ଲାଗିଥିଲା। ଚାଳକଙ୍କ ବେପରୁଆ ଗାଡିଚାଳନା ଯୋଗୁ ବାଇକ ନଷ୍ଟ ହୋଇଥିବାବେଳେ ସୌଭାଗ୍ୟକୁ ଅଳ୍ପକେ ଲୋକମାନେ ବର୍ତ୍ତିଯାଇଥିବା କହିଛନ୍ତି।

# ସିପିଆଇଏମ୍‌ର ମିଶ୍ରଣ ପର୍ବ



ସିପିଆଇଏମ୍‌ରେ ଯୋଗଦେଇଥିବା କର୍ମୀ।

**ଟେନ୍‌ସା, ୧୭।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ସିପିଆଇଏମ୍ କାର୍ଯ୍ୟାଳୟ ପରିସରରେ ରବିବାର ମିଶ୍ରଣପର୍ବ ହୋଇଥିଲା। ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମିଶ୍ରଣ ପର୍ବରେ କୋଇଡା ବ୍ଲକ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଆଗାମୀ ନିର୍ବାଚନ କିପରି ସୁଚାରୁ ଭାବେ ପରିଚାଳିତ ହେବ ଏବଂ ସିପିଆଇଏମ୍ ବିପୁଳ ସଂଖ୍ୟାରେ ଭୋଟ ପାଇବ ଏନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସିପିଆଇଏମ୍‌ର ସୁନ୍ଦରଗଡ ଜିଲା ଶାଖା ସମ୍ପାଦକ ପ୍ରଭାତ କୁମାର ପଣ୍ଡା, ହଳଧର ଦେହୁରୀ, ଅଶୋକ ଶ୍ୟାମଲ, ସନ୍ତୋଷ ସିଂ, ବାଦଲ ବାରିକ, ସୁଦର୍ଶନ ପାତ୍ର, ଭାଇସ ଚେୟାରମ୍ୟାନ ବାବୁଲି ମୁଣ୍ଡା ପ୍ରମୁଖ ବିଭିନ୍ନ ମତାମତ ଦେଇଥିଲେ। ଏହି ଅବସରରେ ବିଜେଡି, କଂଗ୍ରେସ ଓ ଭାଜପାର ଶତାଧିକ କର୍ମୀ ସିପିଆଇଏମ୍‌ରେ ଯୋଗଦେଇଥିଲେ। ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଭାତ ପଣ୍ଡା ସେମାନଙ୍କୁ ସିପିଆଇଏମ୍‌ର ଟୋପି ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେମାନଙ୍କ ମଧ୍ୟରେ ବିଶୁ ମହାକୁଡ, ମଞ୍ଜିର ନାଗ, ପ୍ରତିଚ୍ଛନ୍ଦା ଜେନା, ପ୍ରହଲ୍ଲାଦ ଦେହୁରୀ, ପ୍ରଫୁଲ୍ଲ ବାରିକ, ରେଖା ପାତ୍ର, ବିଶୁ ମାଝି ରହିଛନ୍ତି। ୨ଶହ ଲୋକ ସିପିଆଇଏମ୍‌ରେ ଯୋଗଦେଇଥିଲେ ବୋଲି ଜଣାପଡ଼ିଛି। ଆଗାମୀ ନିର୍ବାଚନରେ କିପରି ବିପୁଳ ସଂଖ୍ୟାରେ ଭୋଟ ପାଇ ଲକ୍ଷ୍ମଣ ମୁଣ୍ଡା ଜିତିବେ ସେଥିପାଇଁ ପ୍ରାଣପଣେ ଚେଷ୍ଟା କରିବେ ବୋଲି ନୂତନ ଭାବେ ଯୋଗଦେଇ ଥିବା କର୍ମୀମାନେ ପ୍ରକାଶ କରିଥିଲେ।

# ଚୂଡ଼ାନ୍ତ ହେଉନି ପ୍ରାର୍ଥୀ ତାଲିକା: ଆଶାୟୀଙ୍କ ମଧ୍ୟରେ ବଢୁଛି ଉତ୍କଣ୍ଠା

**(ଜୟନାରାୟଣ ମେଣ୍ଟୁଳି)**
**ସୁନ୍ଦରଗଡ଼, ୧୭।୩**

ସୁନ୍ଦରଗଡ ଲୋକସଭା ଓ ଏହି ଜିଲା ଅନ୍ତର୍ଗତ ୭ ବିଧାନସଭା ଆସନରେ ଆସନ୍ତା ଏପ୍ରିଲ ୧୮ରେ ଭୋଟଗ୍ରହଣ ସକାଶେ ଘୋଷଣା ହୋଇଛି। ଏ ନେଇ ମଙ୍ଗଳବାର ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ। ହେଲେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେଉ ନ ଥିବାରୁ ଆଶାୟୀ ଓ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବଢୁଛି। ଲୋକସଭା ଆସନ ନିମନ୍ତେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଭାଜପା ପକ୍ଷରୁ ଏଠାରୁ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ ହୋଇସାରିଥିବା ବେଳେ ଅନ୍ୟ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଓ ବିଜେଡିର ପ୍ରାର୍ଥୀ କିଏ ହେବେ ତାହା ଘୋଷଣା ହୋଇନାହିଁ। ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ କଂଗ୍ରେସରେ ଯୋଗଦେବା ପରେ ତାଙ୍କୁ ଏହି ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କରିବା ପାଇଁ ନାମ ଘୋଷଣା କରିଛି। ଏହି ପଦ ପାଇଁ ଆଶାୟୀ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଛନ୍ତି। ସୁନୀତା ବିଜେଡିରେ ଯୋଗ ଦେବା ପରେ ତାଙ୍କୁ ବିଜେଡି ଏଠାରୁ ପ୍ରାର୍ଥୀ କରି ମହିଳା କାର୍ଡ ଖେଳିବାକୁ ଯୋଜନା କରୁଥିବା କୁହାଯାଉଛି। ଗତ ନିର୍ବାଚନରେ ବିଜେଡିର ଲୋକସଭା ପ୍ରାର୍ଥୀ ଥିବା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଡଃ ଦିଲ୍ଲୀପ ତିର୍କୀକୁ ଏଥର ପୁନର୍ବାର ବିଜେଡିର ଲୋକସଭା ପ୍ରାର୍ଥୀ ପାଇଁ ତାଙ୍କ ସମର୍ଥକମାନେ ଅଡିବସିଛନ୍ତି। ସେହିପରି ୭ଟି ବିଧାନସଭା ଆସନରେ କିଏ କେଉଁ ଦଳର ପ୍ରାର୍ଥୀ ହେବ ସେ ନେଇ ରାଜନୈତିକ ଦଳଗୁଡିକ ଘୋଷଣା କରି ନ ଥିବା ବେଳେ ଏଭଳି ସ୍ଥିତିରେ ଟିକେଟ ପାଉ ନ ଥିବା ଆଶାୟୀ ପ୍ରାର୍ଥୀମାନେ ଅନ୍ୟଦଳ ସହିତ ଯୋଗସୂତ୍ର ରକ୍ଷାକରି ପ୍ରାର୍ଥୀ ଘୋଷଣାକୁ କେବଳ ଅପେକ୍ଷା କରିଛନ୍ତି। ଟିକେଟ ନ ମିଳିଲେ ରାତାରାତି କିଭଳି ନିଜର ସୁବିଧା ମୁତାବକ ଦଳକୁ ଯାଇ ଟିକେଟ ହାତେଇବେ ସେ ଯୋଜନାରେ ଲାଗିପଡିଛନ୍ତି। ବର୍ତ୍ତମାନ ଜିଲାରେ କେତେକ ନେତାଙ୍କ ସୁବିଧାବାଦୀ ରାଜନୀତିକୁ ନେଇ ଭୋଟର ମହଲରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ବିଭିନ୍ନ ରାଜନୈତିକଦଳଗୁଡିକ ପକ୍ଷରୁ ପ୍ରାର୍ଥୀ ତାଲିକା ଚୂଡାନ୍ତରେ ବିଳମ୍ବ ଓ ରାଜନେତାଙ୍କ ଛକାପଞ୍ଝା ରାଜନୀତି ନେଇ ଆଶାୟୀ ଓ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବଢୁଛି। ଟିକେଟ ସ୍ଥିର ହୋଇପାରୁ ନ ଥିବା ଯୋଗୁ ଆଶାୟୀମାନେ ନିର୍ବାଚନ ରଣାଙ୍ଗନ ପାଇଁ ନିଜର ପ୍ରତିଦ୍ୱନ୍ଦିତା ସକାଶେ ଠିକ କ୍ଷେତ୍ର ପ୍ରସ୍ତୁତି ନେଇ ଅଡୁଆରେ ପଡିଛନ୍ତି। ସୁନ୍ଦରଗଡ ବିଧାନସଭା ଆସନରେ ଯୋଗେଶ ସିଂ ବିଜେଡିକୁ ଯିବା ପରେ କଂଗ୍ରେସ ଠିକ ପ୍ରାର୍ଥୀ ଦେଇ ପୁନର୍ବାର କିପରି ନିଜ ଗଡରକ୍ଷା କରିପାରିବ ସେ ନେଇ ଚିନ୍ତାରେ ପଡିଛି। ଏପଟେ ଏଠାରୁ ଟିକେଟ ହାତେଇବା ପାଇଁ ବିଜେଡିରେ ଯୋଗେଶ ଓ କୁସୁମ ଟେଟେଙ୍କ ମଧ୍ୟରେ ବେଶ ଟଣାଓଟରା ଲାଗିଛି। ରବିବାର ଟିକେଟ ପାଇଁ ଆଶାୟୀ ଥିବା କୁସୁମ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ପଦବୀରୁ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବା ପରେ ଏହି ଆସନ ପାଇଁ ଟିକେଟ ରାଜନୀତି ଜୋର ଧରିଛି। ଅନ୍ୟ ପଟେ ଭାଜପା ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ବିଜେଡି ଓ କଂଗ୍ରେସର ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରି ତାର ପରବର୍ତ୍ତୀ ରଣନୀତି ଆପଣେଇ ପ୍ରାର୍ଥୀ ଘୋଷଣା କରିପାରେ ବୋଲି ଭୋଟର ମହଲରେ ଆଲୋଚନା ହେଉଛି। ଅନ୍ୟ ଦଳର ସମ୍ଭାବ୍ୟ ବିଜୟୀ ପ୍ରାର୍ଥୀ ଆସିଲେ ତାଙ୍କୁ ଭାଜପା ସ୍ୱାଗତ କରି ଟିକେଟ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ହେଉଛି। ଭାଜପାରୁ ତୃଣମୂଳସ୍ତରରୁ ସାଙ୍ଗଠନିକ କାର୍ଯ୍ୟକୁ ସୁଦୃଢ କରି ଟିକେଟ ପାଇଁ ଆଶାୟୀ ଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି କରିଛି। ଏଭଳି ସ୍ଥିତିରେ କେଉଁ ଦଳରୁ କିଏ ପ୍ରାର୍ଥୀ ହେବ ତାହା ଆନୁଷ୍ଠାନିକ ଭାବେ ଘୋଷଣା ହେବା ପରେ ଜିଲାରେ ରାଜନୈତିକ ପାଣିପାଗ ବଦଳିବାର ସମ୍ଭାବନା ରହିଛି।

# ମହିମା ଆଶ୍ରମରେ ବିଶ୍ୱ କଲ୍ୟାଣ ଯଜ୍ଞ

**ବେଲପାହାଡ଼,୧୭।୩(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ତେନ୍ତୁଳିଆବାହାଲ ମହିମା ଆଶ୍ରମରେ ଫାଲଗୁନ ଶୁକ୍ଳପକ୍ଷ ଦଶମୀ ତିଥିରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଆଶ୍ରମ ପରିସରରେ ଅଲେଖ ମହିମା ଧର୍ମାବଲମ୍ବୀ ବହୁ ସାଧୁସନ୍ଥ ସମ୍ମିଳିତ ହୋଇଥିଲେ। ଯଜ୍ଞ ମଣ୍ଡପରେ ବ୍ରହ୍ମଧୂନୀ ସ୍ଥାପନ କରାଯିବା ସହ ଅଖଣ୍ଡ ବତି ପ୍ରଜ୍ୱଳନ କରିଥିଲେ। ପରେ ସାଧୁସନ୍ଥମାନେ ବିଶ୍ୱ କଲ୍ୟାଣ ପାଇଁ ଅଲେଖ ବ୍ରହ୍ମଙ୍କ ନାମରେ ଯଜ୍ଞକୁଣ୍ଡରେ ଘୃତାହୁତି ପ୍ରଦାନ କରିବା ସହ ଅଲେଖ ମହିମାଙ୍କ ଉଦ୍ଦେଶ୍ୟରେ ନାମଭଜନ ପରିବେଷଣ କରିଥିଲେ। ରବିବାର ପ୍ରାତଃ ସମୟରେ ଯଜ୍ଞ ସମାପିତ ହେବାପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଆଶ୍ରମ ମୁଖ୍ୟ ଶ୍ରୀମଦ୍ ଶଙ୍କର ବାବା, ଘନଶ୍ୟାମ ବାବା, କ୍ଷେତ୍ରବାସୀ ବାବା, କ୍ଷୀରଧର ବାବା, ବିଶ୍ୱେଶ୍ୱର ବାବା, ଇମାନିଶ୍ୱର ବାବା ଓ ବନମାଳୀ ବାବା ପୁରୋଧା ଭାବରେ ଯଜ୍ଞ ପରିଚାଳନା କରିଥିଲେ। ଉତ୍ସବ କମିଟି ସଦସ୍ୟ ଘନଶ୍ୟାମ ପ୍ରଧାନ, ସଞ୍ଜୟ ପ୍ରଧାନ, ରାଜେଶ ଭୋଇ, ଚନ୍ଦ୍ର ପ୍ରଧାନ, ଅଶୋକ ସାହୁ, ଗୌରାଙ୍ଗ ନାଥ, ଖଡୁ ବୁଧିଆ, ପଞ୍ଚାନନ ଭୋଇ, ସଞ୍ଜୟ ସାହୁ, ଜନେକରାମ ଭଇଁଷାଲ, ପବିତ୍ର ପ୍ରଧାନ ଓ ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମହିମା ଆଶ୍ରମରେ ଆୟୋଜିତ ବିଶ୍ୱ କଲ୍ୟାଣ ଯଜ୍ଞରେ ସାଧୁସନ୍ଥ ଅଲେଖ ମହିମାଙ୍କ ନାମ ଉଚ୍ଚାରଣ କରୁଛନ୍ତି।





ଝରଝରାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଳାକାରଙ୍କ ନୃତ୍ୟ ପରିବେଷଣ।

## ରାଜଗାଙ୍ଗପୁର ମହୋତ୍ସବ ଝରଝରାର ତୃତୀୟ ସନ୍ଧ୍ୟା

# ସମ୍ବଲପୁରୀ, ଛଉନୃତ୍ୟ ତାଳେତାଳେ ଝୁମିଲେ ଦର୍ଶକ

**ରାଜଗାଙ୍ଗପୁର, ୧୭।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଚାଲିଥିବା କଳା ଓ ସାଂସ୍କୃତିକ ପର୍ବ ଝରଝରାର ତୃତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧିରଖିଥିଲା। ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହି ନେଇଥିଲା। ଦର୍ଶକ ସମ୍ବଲପୁରୀ ନୃତ୍ୟର ତାଳେତାଳେ ଝୁମି ଉଠିଥିଲେ। ତୃତୀୟ ସନ୍ଧ୍ୟାରେ ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଇଡି ସୁନୀଲ କୁମାର ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇ ଝରଝରା ଉତ୍ସବ ବିଲୁପ୍ତ ପ୍ରାୟ କଳା ସଂସ୍କୃତିକୁ ବଞ୍ଚାଇବା ଦିଗରେ କାର୍ଯ୍ୟ କରୁଛି। ଅଞ୍ଚଳର କଳାକାରଙ୍କୁ ଉତ୍ସାହ ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଏହା ଛଡା ଝରଝରା ଉତ୍ସବ ରାଜଗାଙ୍ଗପୁର ସହରବାସୀଙ୍କୁ ଏକ ସ୍ମୃତିରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ତୁଲାଉଥିବା କହିଥିଲେ। ଅନୀଲ ସେହଗେଲ ସଭାପତି, ଓଆଇଏସଏଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଝରଝରା ଉତ୍ସବ ସହରବାସୀଙ୍କୁ ତଥା ସମଗ୍ର ଜିଲାରେ ଭାଇଚାରା ସୃଷ୍ଟି କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ। ଅନୁକୂଳ ପାଗ ସତ୍ତ୍ୱେ ତୃତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଉତ୍ସବରେ ବଲାଙ୍ଗୀରର ସମ୍ବଲପୁରୀ ନୃତ୍ୟ, କଲିକତାର ନୁପୁର ଡ୍ୟାନ୍ସ ଗ୍ରୁପର ମହାରାଷ୍ଟ୍ର ଲାୱାନୀ ନୃତ୍ୟ, ଶ୍ରୀ ଜଗନ୍ନାଥ କଳାପରିଷଦ ରାଉରକେଲାର ଦୁର୍ଗା ତାଣ୍ଡବ, ପଶ୍ଚିମବଙ୍ଗ ପୁରୁଲିଆର ଛଉ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ଉତ୍ସବରେ କମିଟିର ସମସ୍ତେ ଉପସ୍ଥିତ ଥିବାବେଳେ ରାଜଗାଙ୍ଗପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।